ନନ୍ଦନଙ୍କୁ ଜଳ ସେ ବହାଇ ଅଶ୍ରୁ ଆମ
ଚେତନା ହୋଇଲେ ଏମା ବୋଲୁଥାନ୍ତି ରାମ।
କଇକେୟୀ ବଚନେ ସେ ରାଜାର ମହଲେ
ରଥ ଚଢ଼ିଣ ମନ୍ତ୍ରୀ ରାମର ଭୁବନେ।

* ଷଡ୍ରସର ସଂସାରଭାଷଣୀ ମୂର୍ଚ୍ଛାଦେଶ

ମଙ୍ଗଳ ସୁବେଶ ହୋଇ ରାମସୀତା ବେନି
ସଫଳ ସୁର-ନର ଯେ ପୁଲକ ମେଦିନୀ ।
ରାମଚନ୍ଦ୍ର ଚରଣେ କହନ୍ତି ମନ୍ତ୍ରିବର
ରାଜା ଆଜ୍ଞା ଘେନ ରାମ ଉଠ ଥାଓ ଦ୍ୱାର ।୧୦୦।
ମନ୍ଥରାର୍ ବଚନେ ରାଜାଆଜ୍ଞା ଶିରେ ଘେନି
ବାହାର ହୋଇଲେ ପ୍ରଭୁ ରାମସୀତା ବେନି ।
ସୀତାଙ୍କୁ ବୁଝାଇ ରାମ ଆରୋହିଲେ ରଥ
ଜନର ଗହଳ ତାହିଁ ନ ଦିଶଇ ପଥ ।
ମନ୍ଦ ମନ୍ଦ ପବନ ମଦନ ମନୋହର୍
ଜଳଧରବର୍ଣ୍ଣ କଳ୍ପ ଶ୍ରୀଅଙ୍ଗ ରାମର ।
କେଶର କାଳିମା କି ଯେ ଭ୍ରମର ବସିଲ
ଅମାବାସ୍ୟା ନିଶି କି ଯେ କେଶରେ ପଶିଲ ।
ମସ୍ତକେ ହୋଇଛି ଶୋଭ ସୁବର୍ଣ୍ଣ ଲେଖନ
ଶୋଭରେ ବଦନ କିବା ଜଗତର ମନ । ୧୦୫ ।
ଶୋଭଇ ଉପରେ ଯେ ମୁକୁଟ ଦିବ୍ୟଭାନୁ
କପୋଳେ ଅଳକା କି କମଳେ ଭୃଙ୍ଗପନ୍ତି ।
କଣ୍ଠର ମଣି କୌସ୍ତୁଭ କଣ୍ଠରେ କୁଣ୍ଡଳ
ଅକଳଙ୍କ ପୂର୍ଣ୍ଣଚନ୍ଦ୍ର ବଦନମଣ୍ଡଳ ।
ସୁନ୍ଦର ଭ୍ରୂଲତା ନାସା ଅଧର ଦର୍ଶନ
କହନ୍ତି ମଧୁର ବାଣୀ ରାଜୀବଲୋଚନ ।
ସୁଥିଳ ତ୍ରିବଳି ଯେ ଆଜାନୁ ବେନି ବାହୁ
ଧନୁକ-ଚନ୍ଦ୍ରକୁ ଧାର ବାହୁ-ବାଣ ସ୍କନ୍ଧ ।
ଭୂବନ ଶବ୍ଦାର କି ଯେ ମର୍ଦ୍ଦନ କରାଇ
ଭୁବନର ଜନଙ୍କୁ ପଶିଲ କଟିତଟ । ୧୧୦ ।
ତ୍ରିଭଙ୍ଗି ଭଙ୍ଗୀ ଯେ ନୃପୁର ଘଣ୍ଟି
ପୃଷ୍ଠ ଚରଣ ଶୋଭେ ରାଜହଂସ ଜାଣି ।

ଚନ୍ଦନର ଉପରେ କି ମଞ୍ଜୁ ଶିଂଶୁ ଉଷ୍ମ
ରଥ ପିଣ୍ଡିକାରେ ସେ। ତେମନ ରାମ ଶୋଭା ।
ରାମ ରୂପ ଦୃଷ୍ଟେ ସେ। ସକଳ ଦୋଷଗଣ
ଏହାକୁ ଆରେପ ତହିଁ କହନ୍ତି ବଚନ ।
ସେ ବୋଲଇ ଋଷ୍ୟଶୃଙ୍ଗ ମହାଯଜ୍ଞ କରି
ଦଶରଥ ରାଜାଙ୍କୁ ସେ ଦେଲୁ ପୁତ୍ର ବର ।
ଧନ୍ୟ ଧନ୍ୟ ଋଷ୍ୟଶୃଙ୍ଗ ତପସ୍ୟାର ଫଳ
ପାଇଲ ଦଶରଥଙ୍କ ଚତୁର୍ବର୍ଗ ଫଳ । ୧୧୯ ।
ସୁବର୍ଣ୍ଣକଙ୍କର ମଧ୍ୟେ ଜ୍ୟେଷ୍ଠ ପଦ୍ମ ଏହି
ଘଟ୍ଟଇ ନବୀନ ମେଘ ଦେଖ ଶ୍ୟାମଦେହୀ ।
ସେ ବୋଲଇ ଏହି ସେ ଭାଙ୍ଗିଲା ଶିବଧନୁ
ପାଇଲ ସୀତାଙ୍କୁ ସେ କାଞ୍ଚନବର୍ଣ୍ଣ-ତନୁ ।
ଦଶରଥ ରାଜାର ଜୀବନ ସାଧୁ ସାଧୁ
ପୁତ୍ର ସାର ରାମଚନ୍ଦ୍ର ସୀତାପ୍ରାଣବନ୍ଧୁ ।
ଧନ୍ୟ ଧନ୍ୟ କୌଶଲ୍ୟା ଦେବୀଙ୍କ ଉଦର
ଜଗତଜନବାସ ଯହିଁ ଶୁଅଇଲା ଘର ।
ଧନ୍ୟାରେ ସୃଷ୍ଟିର ଭୂମି ଅତୁଳପଥରେ
ନାହିଁ ନାହିଁ ଏ ରୂପ ସେ। ତିନି ଭୁବନରେ । ୧୨୦ ।
ସେ ବୋଲଇ ସର୍ବଥା ସେ ନୃତ୍ୟଇ ମାନବ
ଦଶରଥ ଘରେ ବାଳେ କଲେ ବାସୁଦେବ ।
ରାମଚନ୍ଦ୍ର ତହିଁ ଲକ୍ଷ୍ମଣ ସଙ୍ଗରେ ଅଛି
ଅଟାରେ ଦେଖନ ବାଘୀ ହେଉଛି ଥାଇ ପକ୍ଷୀ ।
ଦ୍ୱାନ୍ତ ଆଉ ରଥ ସ୍ଥିର କରି ଜାଅ
ରାମରୂପ ଦର୍ଶନେ ଲୋଚନ ସୁଖ ପାଅ ।
ଯାଉଛନ୍ତି ପିତା ଆଜ୍ଞା ଧରନ୍ତି ମନେ
ଜନମନ ରଞ୍ଜଇ ସେ ଲୋଚନ ବଦନେ ।

ଏଇମ ମଙ୍ଗଳ ଗୋ ମଙ୍ଗଳ ବେଶ ହୋଇ
ସକଳ ଭୁବନ ଜନମନକୁ ମୋହିଇ । ୧୨୫ ।
ସୁବେଶ ହୋଇଲେ ରାମ ସୀତାର ଭୁବନ
ଦେଖିଲେ ଗୋ ଦଶରଥ ଭୂମିରେ ଶୟନ ।
ସୀତାର ଚରଣେ ରାମ ନବୋଇଁଲେ ଶିର
ଶିରେ ଦର ଦେଇ ଉଣ୍ଣ ହୋଇଲେ ଭୂମିର ।
ଦେଖିଲେ ସୀତା ମନ ହୋଇଅଛି ଛନ୍ନ
ସୀତା ଭକ୍ତ ଦେଖି ଗୋ ଅକୁଳ ରାମ ମନ ।
ବୋଲଇଲେ ସୀତାକ କହ ଦୁଃଖ କି ନିମନ୍ତେ
କି ଅବା ଅଶୁଭ ଦେ.ଇ (ଡବ) ମୋହର ନିମନ୍ତେ ।
ଗଜଦନ୍ତ ପଲଙ୍କ ତମାଇ ଦିଲ୍ ଦେଭାସା
କି ନିମନ୍ତେ ମହାରାଜ ଧରି ଭୂମିଶଯ୍ୟା । ୧୩୦ ।
ସକଳ ମଣ୍ଡଳ ଚିତ୍ତାପଣ ସାର ଧାତ
ଧନ୍ଦାଳନେ ଭୂତ କର୍ମା କ୍ଷତ୍ରି ନାସ୍ତ୍ରୀପ ।
କି ଅବା ଦେବାଣ ବ୍ୟାଧି ହୋଇଅଛି ଶରୀରେ
କି ନିମନ୍ତେ ମହାରାଜା ଶୟନ ଭୂମିରେ ।
ମା:ଙ୍କର ଗୃହରେ ଯେ ଉରତ ଅଛି ରହି
ତାହାଁର କି ଦଶା ହେ ରଜାଙ୍କୁ ଅବା କହ ।
କି ଅବା ଅପାୟ ହେଲା କାନନ ମୋତେନ୍ନାର
ମାତାଏ:ନେ ନ ଦେଖିଲେ ବରଦେ ଛନ୍ନର ।
କେ ଅବା ଜଗତେ ତୋତେ ବନ୍ଧିଲ୍ ଅବସ୍ତି (ଅନିଷ୍ଟି)
ବାଟୋଗଣେ ବାହ୍ୟ ସବାସନର ସୃଷ୍ଟି । ୧୩୫ ।
କି ଅବା ଅପାଧ ତୋତେ ଦିଲ୍ ବାଇଦେଶ
ଏକ୍କୁ ଶତ୍ରି ଦେଖିବ ସହିଯା ଦେଖୁ ନାହିଁ ।
କି ଅବା ଅପାଧ ତୋତେ ହେଲା ମୋହର
ଦୋଷଟ୍ଟୁ ହରିବା ଦଣ୍ଡ ଦେ ଇଚ୍ଛା ତୋହର ।

ଧନୁର ଶବ୍ଦରୁ ପରେ ଅନ୍ତିରେ ସମାଇ
ରାଜାର ଦୁଃଖିତ ଦେଖି ସହିଣ ନ ପାଇ ।
ରାମର ଅଭେଦ ଯେ ଶଜାପ ବାଣୀ ଶୁଣି
* କର ଲେଉଟାଇ ସେ ଶୁଅଁଲେ ନୃପମଣି ।
ଏଣାକେତେକ ରାମ ବୋଲି ଡାକନ୍ତି ବୋଇଲେ
ଅଛି ଚିନ୍ତି ନିଶ୍ୱାସକୁ ସହିତ ନୋହିଲେ । ୧୪୦ ।
ରାଜାର ମନ୍ଦିରେ ଚନ୍ଦ୍ରଦେଖ୍ୟା କହେ ବାଣୀ
ରାଜା ଆଜ୍ଞା ମାଗିଲେ ତୁ ଶୁଣ ସୂତପାଣି ।
ଅଯୋଧ୍ୟା ନଗରେ ରାଜା ଭରତକୁ କଲେ
ତାହାର ବରଷ ବନବାସ ହୋଇବେ ବୋଲେ ।
ଶୁଣି ରାମଚନ୍ଦ୍ର ଯେ ହରଷଚିତ୍ତ ହୋଇ
ଏ କଥାକୁ ରାଜନ ଦୁଃଖିତ କାହିଁପାଇଁ ।
ରାଜା ଆଜ୍ଞା ସମାନ ଭ୍ରମର ଆଜ୍ଞା ମୋତେ
ଏ କଥାକୁ ସନ୍ଦେହ ନ କର ହେବ ଚିତ୍ତେ ।
ପିତାଃ ଆଜ୍ଞା ପାଳିବା ଉଚିତ ମୋର ଜାଣ
ରାଜା ହେଉ ଭରତ ଯେ ଅଯୋଧ୍ୟା ଭୁବନେ ।୧୪୫।
ପିତାର ନିବାସୁ ସେ ବାହାର ରାମ ହୋଇ
ମାତାର ମନ୍ଦିରେ ସେ ପ୍ରବେଶ ହୋଏ ଯାଇ ।
ରାମ ରାଜା ହୋଇବେ ମଙ୍ଗଳ ଶୁଣି ବେନି
ପୁଣ୍ୟ ଇଷ୍ଟ ସେବନ୍ତି ରାମର ଜନନୀ ।
ଏମନ୍ତ ସମୟେ ରାମ ପ୍ରବେଶ ହୋଇଲେ
ଜନନୀ ଚରଣେ ଶିର ଦେଇଣ ସୋଇଲେ ।
ପୁତ୍ରଙ୍କୁ ଦେଖିଣ ଦେବେଶ୍ୱରୀ ଉଠିଲେ ହରଷ
ଉଠ ଉଠ ରାମ ବୋଲି କରନ୍ତି ଆଶିଷ ଯେ ।

* କର—କକ୍ଷ, ପାର୍ଶ୍ୱ ।

ଇଟି ଦିବେ ଦଇ ସ୍ପମ ଜନନୀଙ୍କ ସ୍ପର୍ଶ
ଦଇଦେବୀ ବରଡ ସବଳ ସ୍ପମ ଦଣ୍ଡୁ ।
ଦଣାଷ୍ଟ ଜନନୀଙ୍କ ପ୍ରଣାମ ଦେଲେ ବାଇ
ହୋଇବେ ଭରତ ରଜା ଅଯୋଧ୍ୟା ନଗର ।
ଚଉଦ ବରଷ ବାସ କରିବି ମୁଁ ବନେ
ଏ କଥାକୁ ଜନନୀ ନ କର ଦୁଃଖ ମନେ ।
ଶୁଣି କଉଶଲ୍ୟା ଯେ ପଡ଼ିଲେ ମୋହଯାଇ
ଏବୁଝିଛି ଫେରନ୍ତି କି ଭଲ୍ୟାଣ୍ଡ ଥାଇ ।
ଘଡକ ଉତ୍ତାରୁ ଦେବୀ ପାଇଲେ ଚେତନ
ଶୋକେ ଗଦଗଦ ହୋଇ କହନ୍ତି ବଚନ ।
ଆଉ କେବେ ଏମନ୍ତ ନ ବୋଲ ରଘୁମଣି
ସେଲୁ ଦୁଷ୍ଟ ବଚନ କାହିଁକି କହୁ ଅଛି ।
ଅନାଥ କରିବ କିମ୍ପାଇ ସ୍ୟାମ ଯାଏ
ଯାଉଁ ନ ଦେଖିଲେ ମୁଁ ରହିବି କାହା ପାଏ ।
ଚଉଦ ବରଷ ତୁ ରହିବୁ ଘୋର ବନେ
ଜନନୀ ଦୁଃସହ ଦୁଃଖ ନ ବୁଝୁ ମନେ ।
ପିତା ସେବକ ବନକୁ ପେଶିଲେ ନ ବାହୁଡ଼
ଶୁଣ ରାମଚନ୍ଦ୍ର ମୁଁ ତୋହୋର ଗର୍ଭଧାରୀ ।
ମୋହୋର ବଚନ ସେନା ନ ଯାଅ ବନକୁ
ନ କର ଶବଦ ଶୁଣ ମୋହୋର ମନକୁ ।
କର ଯୋଡ଼ି ଯୋଡ଼ି ରାମ କରନ୍ତି ବିନଏ
ମୋହୋର ଅଏକ ତୋ ଲୁହୁଲି ଶୁଣ ମାଏ ।
ଏ ଦେହୁର ଦାତେଣି ତୋ ମୋହର ପିତର
ସେସନ ମୁକ୍ତିଦା ପିତୃ ଭୁବନ ଭିତର ।
ତୁମ୍ଭେ ତ ନ ଜାଣ ପିତା ଅସଖ ଦାସର
ସକଳ ଧର୍ମଳ ବୁଦ୍ଧି ତୁ ଦାସୁ ବାହାର ।

ପୂର୍ବେ ତ ଶୁଣିଛୁ ଯାହା କଲେ ପର୍ଶୁଧର
ପିତା ଆଜ୍ଞା ପ୍ରମାଣେ କାଟିଲେ ମାତାଶିର ।
ମାତାଙ୍କୁ ଜୀଆଇଲେ ପିତା ଆଜ୍ଞାରୁ ଯେମନ୍ତେ
ବନକୁ ଗମନ ମୁଁ ଯେ ନ ପ୍ରିୟ ତେମନ୍ତେ ।
ଚଉଦ ବରଷ ମୁଁ ରହିବ ଘୋରବନ
ତୋହୋର ବଚନ ଶୁଣି ଭରତ ଦର୍ଶିନା ।୧୬୯।
ପିତା ଆଜ୍ଞା ଯେମନ୍ତେ ମୁଁ ଲଙ୍ଘିବି ଜନନୀ
ପୁତ୍ର ଶ୍ରେଷ୍ଠ ହୋଇଲେ କି ବଞ୍ଚିବ ଶରୀର ?
ସତ୍ୟକୁ ସପନ ପିତ୍ରୁ ନ ଲଙ୍ଘଇ କୁଳ
ସବେ ଜାଣ ଦୃଷ୍ଟେ ଯେ କରଇ ଅଖଣ୍ଡନ ।
ଶୁଣି ରାମ ଶବ୍ଦରେ ଯୋଡ଼ାଇଛନ୍ତି ମାତା
ଏମନ୍ତ ବାକ୍ୟ କି ଶୁଣି କରଇ ବିଧାତା ।
ପିତା ଆଜ୍ଞା ଶିରେ ଘେନି ନମସ୍ତ ବାହାର
ଶ୍ରୀରାମଙ୍କରେ କୋଦଣ୍ଡ ଧରିଣ କରେ ଶର ।
ସଙ୍ଗେ ଜାନକୀ ଦେବୀ ହୋଇଲେ ବାହାର
ନିର୍ମଳ ଶରଦ ଇନ୍ଦୁ ବଦନ ଯାହାର ।୧୭୦।
ବାହାର ହୋଇଲେ ସଙ୍ଗେ ସୁମିତ୍ରା କୁମର
ଦେଖିଁ ନର ନାରୀ ଯେ କରନ୍ତି ହାହାକାର ।
ସେ ବୋଲନ୍ତି ରାମ ରାଜା ନୋହିଲେ କେମନ୍ତେ
ଯାଉଛନ୍ତି ହୋଇ ତ ଚଳନ୍ତି ରାଜପଥେ ।
ଶଚୀ ଅପ୍ସରା ନ ଦେଖନ୍ତି ଯାର ଛାୟା
ରାଜପଥ ମଧ୍ୟରେ ତ ଚଳଇ ସୀତାମାୟା ।
ପଛରେ ଯୋଡ଼ାଇଛନ୍ତି ସୁମିତ୍ରା କୁମର
ତାଳିବାକି ମଧ୍ୟ କ୍ଷମା ନ ଯାନ୍ତି ବାହାର ।
ପାଠ ବସ୍ତ୍ର ତେଜିଲେ, ତେଜିଲେ ମଣିଗଣ
ବାକଳ ପୋଷାକ କ୍ଷମା ହୋଇଲେ ଭୂଷଣ ।୧୭୧।

ଏକର ଅନ୍ତରେ ସର୍ଗ ଆରୋହଣ କଲନ୍ତ
କଇକେୟୀ ଚରିତ ସେ ବଣିତ ହୋଇଲା ।
ଭରତ ହୋଇବ ରଜା ଶୁଣିଲୁ ଶ୍ରବଣେ
ଚଉଦ ବରଷ ରାମ ନିବେଶିଲେ ବନେ ।
ଶୁଣି ପୁର ନରନାରୀ ନାନା ଦେଶାନ୍ତର
ସବୁଙ୍କର ଲୋତକ ବହିଲା ଶୋକଭାର ।
ବୋଲନ୍ତି ଏ କଇକେୟୀ ଧିକ ତା ଜୀବନ
ସୁକୁମାର ରାମଙ୍କୁ ପେଷିଲା ଘୋରବନ ।
ଜାନକୀ ସୀତା କ ସ୍ତ୍ରୀଙ୍କ ବଣ ଯାନ୍ତି
ନ ବସନ୍ତ ମହାରାଜା ଏତେ କୁକର୍ମ ଯନ୍ତି । ୧୮୦ ।
ପିତା ଆଜ୍ଞା ଅଲଙ୍ଘିତ ରାମେ କଲେ ଯୋଗ
ଧରିଲେ ଜଟା ବାକଲ ଫଳମୂଳ ଗ୍ରାସ ।
ପିତା ଆଜ୍ଞା ଘେନିଣ ସେ କଷଣ ସହିଲେ
ରାଜା ପାଦପୋଉ ଛାଡ଼ିକ୍ରୂରେ ଚଳିଲେ ।
ସୀତା ଲକ୍ଷ୍ମଣଙ୍କୁ ସଙ୍ଗେ ଘେନି ରଘୁବୀର
ପ୍ରବେଶ କଲେ ସେ ନିବାସ ଯତିଗଣ ।
ଭରତ ଶତ୍ରୁଘ୍ନ ସେ ମାତୁଳ ଘରେ ଥିଲେ
କର୍ଣ୍ଣେ ବଶିଷ୍ଠ ମୁନି ଦୂତ ପଠାଇଲେ ।
ବେଗେ ଯାଇ ଜଣାଇଲେ ଅଯୋଧ୍ୟାପୁରକୁ
ସକଳ ଚରିତ ମୁନି କହିଲେ ତାହାଙ୍କୁ । ୧୮୫ ।
ଶୁଣି ଘୋର କଷଣ ପାଇଲେ ଦୁଇ ଜନ
ହୋଇଲେ କି କର୍ମ କଲେ ଆମ୍ଭର ଜନନୀ ।
ବହୁତ ପ୍ରକାରେ ସେ ମାତାଙ୍କୁ ନିନ୍ଦାକଲେ
ମନ୍ତ୍ରଙ୍କ ବିଧି ପ୍ରକାରେ ଶ୍ରାଦ୍ଧ ଦେଲେ ।
ଏଥୁ ଅନନ୍ତରେ ସେ ବଶିଷ୍ଠ ମୁନିବରେ
ସିଂହାସନେ ବସାଇଲେ ଭରତ ଭ୍ରାତରେ ।

ବଶିଷ୍ଠ ସହିତ ସର୍ବ ମନ୍ତ୍ରିଗଣ ଘେନି
ରାମଙ୍କୁ ଆଣିବା ପାଇଁ ଗଲେ ଭାଇ ବେନି ।
ତାହାରୁ ହୋଇଲେ ଯୋଗ ରାମଙ୍କୁ ନେବା ପାଇଁ
କଉଶଲ୍ୟା ସୁମିତ୍ରା ଗଲେ କଇକେୟୀ । ୧୯୦ ।
ଥୋଡ଼ାଏ ଦିନ ଅନ୍ତରେ ସୈନ୍ୟଦଳ ଘେନି
ଚିତ୍ରକୂଟେ ପ୍ରବେଶ ହୋଇଲେ ଭାଇ ବେନି ।
ସୈନ୍ୟ ଗହଳ ଚଳନ ଶୁଣିଲୁ ଅପାର
ଚିତ୍ରକୂଟେ ଥାଇ ତା ଜାଣିଲେ ରଘୁବୀର ।
ଦେଖାଇଲେ ଲକ୍ଷ୍ମଣ ଏ କାହାର ସୈନ୍ୟଦଳ ।
ଧୂଳି ଉଡ଼ୁଅଛି ଦେଖ ଆଚ୍ଛାଦ୍ୟମଣ୍ଡଳ ।
ବୃକ୍ଷରେ ଉଠିଲୁ ଲକ୍ଷ୍ମଣ ଆଜ୍ଞା ପାଇ
ଦେଖିଲୁ ଭରତ ଶତ୍ରୁଘ୍ନ ବେନି ଭାଇ ।
ରାମଙ୍କୁ ଲକ୍ଷ୍ମଣ ବୋଲେ କହିଲୁ ବୃକ୍ଷେ ଥାଇ
ଆଇଲେ ଭରତ ଶତ୍ରୁଘ୍ନ ବେନି ଭାଇ ।୧୯୫।
ରାଜନ ଏହାର ସ୍ୱର୍ଗେ ଦେଲୁ ଛଡ଼ାଇ
ଆସୁଅଛି ଆମ୍ଭଙ୍କୁ ଏ ମାରିବାର ପାଇଁ ।
ଆମ୍ଭଙ୍କୁ ମାରିଣ ପୃଥ୍ୱୀ ଅକଣ୍ଟକ କରି
ଅଯୋଧ୍ୟା ନଗରେ ଏ କରିବ ରାଜନୀତି ।
ଏହାପରି ଧନୁକୁ ଗୁଣ ଯୋଡ଼ି ବାଣ
ଭୂମିରେ ଶୋଇବେ ସେ କରିବି ଦୁଇଖାଣ ।
ସୁଖମୁଖ ହୋଇବ ସେ କଇକେୟୀ ରାଣୀ
ଭରତ ଶତ୍ରୁର ପାକ କରିବ ଧରଣୀ ।
ଲକ୍ଷ୍ମଣର ବଚନେ କୋପିତ ରଘୁବୀର
ଧନ୍ୟ ଧନ୍ୟ ଲକ୍ଷ୍ମଣ ତୋହର ଧନୁଶର । ୨୦୦ ।
ଶୁଣିଣ କହିଲୁ ତ୍ରାଣ ମାରିବା ନିମନ୍ତେ
କହିବାକୁ ସଙ୍କୋଚ ନ ପାଉ କିମ୍ପା ତତେ ।

ଅମ୍ଭକୁ ଦଣ୍ଡିବ ସେ ବର୍ଜିବ ରାଜାସନ
କୋଳିଲୁ ଭରତ ଏବା ଅଗ୍ରଜ ଚରଣ ।
ଅନୁଜଙ୍କ ଶପଥ ଭରତ ଧର୍ମବୁଦ୍ଧି
ଅଗ୍ରଜ ନେବାର ପାଇଁ ଅମ୍ଭଙ୍କୁ ପ୍ରବୋଧି ।
ରାଜ୍ୟକୁ ତ ନା ଯିବ ପାଳିବ ପିତାସତ୍ୟ
ମୋର ବିନ୍ଦୁ ତାହାର କୁଂଶ୍ଚିତ ଅଛି ଭାଷି ।
ତୋତେ ଯେତେବ ରଜା ହେଲା ରଖିଲୁ ରାଜ୍ୟଶିରୀ
ରାଜ୍ୟ ତୋତେ ଦେବାଇଁ ଲକ୍ଷଣ ମାଡିକହି । ୧୦୯ ।
ଶୁଣି ହେଠମାଠ ହୋଇ ସୁମିତ୍ରା ନନ୍ଦନ
ଅଶ୍ରୁକୁ ନିଗଲି କଲା ମଳିନ ବଦନ ।
ଏଥୁ ଅନନ୍ତରେ ସଖି ଚିତ୍ର କଞ୍ଚନ
ସେତେକ ପ୍ରଭୁ ଦର୍ଶିଲେ ଗୋ ଶ୍ରୀରାମ ବଦନ ।
ଦିଶୁ ଉଷ୍ଣଲେ ବେଣୀ ଲୁହ ଶୁଷ୍କ ଗଣ୍ଡ
ଧାତ୍ରବତେ ଶୋଭିଲେ ତିଳକେ ମୃତ୍ତି ମାଣ୍ଡ
ପୁଣି ପୁଣି ଭରତ ଶୁଶ୍ରୂଷ ଧାତ୍ରମନେ
ଦଣ୍ଡବତ୍ୟୀ ଦରତ ପ୍ରଣାମ୍ଭ ଦୁଃଖ ଝଡଅ ।
ପିତାଃ ମୃତ ହୋଇଲେ ଅଇଲେ ରାମ ବନ
କି ନାମକେ ରଙ୍ଗିଅଛ ଅମ୍ଭର ଶାସନ । ୧୧୦ ।
ସ୍ତବାଇ ଲୋତକଧାର ବେଳି ଲକ୍ଷଣର
ତରଣେ ଲମ୍ବିଲେ ଶିର ଦେଇ ଶ୍ରୀ ଅନୁଜ ।
ଅଜାନୁଲମ୍ବିତ ବେଣୀ ବାହୁ ରାମ ଦେଖି
ତୋଳି ତେଳି ବାହୁରେ ବସାଇଲେ କୁହୁଁଙ୍କି ।
ଲୁତ ମୃଗ ବୃକ୍ଷ ରାମ ସ୍ମୃତିର ଛବିର
ଦୃଢ଼ ବାହୁ କୁଶଳ ସମସ୍ତ ରାଜାଙ୍କର ।
ଆଶା ପାଇ ଉଠିଲେ ଭରତ ଶତ୍ରୁଘନ
ଆସରେ ହୋଇଲେ ଲକ୍ଷ ଲୋତକଲୋଚନ ।

କହନ୍ତି ସେ ବେଳ, ସୁଖ ଯୋଗ ହେବ ପର
ତୁମ୍ଭଙ୍କୁ ନ ଦେଖି ପ୍ରଜା ହେଉଥିଲେ ଖର । ୨୧୫ ।
ଭରତଙ୍କର ଭକ୍ତି ସୁଧାଭୁକ୍ତ ବାଣୀ ଶୁଣି
ରାମ ସୀତା ଲକ୍ଷ୍ମଣ କାନ୍ଦିଲେ ସର୍ବ ପ୍ରାଣୀ ।
ଅନେକ ପ୍ରକାରେ ସେ ବଶିଷ୍ଠ ବୋଧ କଲେ
ମନ୍ଦାକିନୀ ନଦୀରେ ସେ ପିତାଙ୍କୁ ଜଳ ଦେଲେ ।
ଭ୍ରାତା କଥ ଯେବେ ରାମ ଚିତ୍ତକୁ ନ ଆଣି
ଜନନୀଙ୍କ ସହିତେ ପାଦୁକା ଦେଲେ କରି ।
ରାମଚନ୍ଦ୍ର ଚରଣେ କହିଲେ ବେନି ଭାଇ
ଅଯୋଧ୍ୟା ଭୁବନକୁ ସେ ଯେଉଁଦିନ ଯାଇଁ ।
ଚଉଦ ବରଷରେ ରାମ ନ ଫେରିଲେ ଯୋଧ
ଚିତା ଅଗ୍ନି ଦେଇଲେ ତେଜିଲେ ରାଜ୍ୟପଥ । ୨୨୦ ।
ସତ୍ୟର ନିମନ୍ତେ ରାମ ଅବୋଧ ଅଟଳ
ରାମ ବୁଝି ଦେଲେ ଭାଇ ଗଛେଦ ସବଳ ।
ଏଥୁଁ ଅନନ୍ତରେ ସେ ବଶିଷ୍ଠ ମହାମୁନି
ମାଗିଲେ ପାଦୁକା ଯୁଗ ମଣିରତ୍ନ ଯେଣି ।
ନାଶିଷ୍ଟ ଆଜ୍ଞାରେ ସେ ପାଦୁକା ବେନି ଦେଲେ
ମସ୍ତକରେ ଘେନି ଭ୍ରାତ ବିଦାୟ ହୋଇଲେ ।
ମଣିରତ୍ନ ଯେଣି ପ୍ରଭୁ ଶ୍ରୀପାଦ ବାର
ପାଦୁକା ପୂଜନ୍ତି ନିତି କରି ନମସ୍କାର ।
ଏ କହିବା ଭରତ ଶତ୍ରୁଘ୍ନ ଲକ୍ଷ୍ମଣ
ଚତୁର୍ଦ୍ଦଶ ମୁନିରେ ହୋଇଛନ୍ତି ନାରାୟଣ । ୨୨୫ ।
ନନ୍ଦିଗ୍ରାମେ ରହିଲେ ଭରତ ମହାବୀର
ରାଜ୍ୟରକ୍ଷା ନିମନ୍ତେ ଲୁଚିରେ ଧନୁଶର ।
ଅଯୋଧ୍ୟା ନଗରେ ସେ ପାଦୁକା ଦୁଇ କରି
ପାଳନ୍ତି ସକଳ ମହୀ ଶ୍ରୀରାମ ସୁମରି ।

ଏଥୁ ଅନନ୍ତରେ ରାମ ଋଷି ଆଜ୍ଞା ଘେନ
ଚିତ୍ରକୂଟ ତେଜିଲେ ପଶିଲେ ଘୋରବନ ।
ପ୍ରବେଶ ହୋଇଲେ ଅତ୍ରି ମୁନିଆଶ୍ରମରେ
ସୀତା ଲକ୍ଷ୍ମଣ ସଙ୍ଗେ ଘେନି ରଘୁବୀରେ ।
ଅନେକ ଶିଷ୍ୟ ସଙ୍ଗତେ ଅତ୍ରି ମହାଋଷି
ଚିନ୍ତନ୍ତି ପରମବ୍ରହ୍ମ ଧ୍ୟାନଯୋଗେ ବସି ।୨୩୦।
ଦୂତା ବାର୍ତ୍ତା ଘେନି ରାମ ଏମନ୍ତ ସମୟେ
ଦଣ୍ଡବତ ହୋଇଲେ ଯେ ମୁନିଙ୍କର ପାଏ ।
ତେବେ ଧରି ଘେନି ମୁନି କୋଳରେ ରାମଙ୍କି
ପରମ ଆଶ୍ୱାସେ ମୁନି କୁଶଳ ପୁଚ୍ଛନ୍ତି ।
ଆଜ ମୋର ଆଶ୍ରମେ ଆସିଛ ନାରାୟଣ
ଏ ସ୍ଥାନେ ବସିବା ମୋର ହୋଇଲା କାରଣ ।
ଏତେ କହି ଅତ୍ରିଋଷି ବିଧିରେ ପୂଜା କଲେ
ସୀତାମୁଖ ଚାହିଁ ମୁନି ଏମନ୍ତ ବୋଇଲେ ।
ଧରି ତେବେ ଚରଣ ମସ୍ତକେ ଲଗାଇଲେ
କର ଧରି ଋଷିପତ୍ନୀ ପାଶେ ବସାଇଲେ ।୨୩୫।
ଅନସୂୟା ସୀତାଙ୍କୁ ଦେଖିଲେ ମନଭାବି
ଆଶ୍ୱାସନା କରି ନେଇ କୋଳାଗ୍ରତ କରି ।
ଯାହା ଦାଢ଼ୁ ଆନ ଦେବତେଙ୍କି ନୋହିବ
ସୁଖ ରୂପ ଯୌବନ ଜୀବନ୍ତେ ରହିଥିବ ।
ଏତେ କହି ଅମଳାଣ ବସନ ଭୂଷଣେ
ଭୂଷଣ କରିଣ ଯେ ସୀତାଙ୍କୁ ଯତେ ଦେଲେ ।
ଦେଖିଲେ ବସନ ସୀତା ଶିରରେ ଭରାଇ
ଅଙ୍ଗେ ଦେବା ଭୂଷଣେ ବର୍ଣ୍ଣିବ କେଉଁ ଯାଇ ।
ପତିପତ୍ନୀ ଆଦି କୁଶଳ୍ୟାଣ ତାଙ୍କୁ କଲେ
ସେହି ମୁନି ଆଶ୍ରମେ ରାମ ସେଦିନ ରହିଲେ ।୨୪୦।

ନିଶି ପ୍ରଭାତରେ ସେ ମୁନିଙ୍କ ଆଜ୍ଞା ମାଗି
ଚଳିଲେ ରାମଲକ୍ଷ୍ମଣ ସୀତାଙ୍କ ସଙ୍ଗି ।
ଚଳନ୍ତି ସେ ଦଣ୍ଡକ ଘୋର କାନନରେ
ପ୍ରବେଶ ହୋଇଲେ ଯାଇଁ ଋଷିଆଶ୍ରମରେ ।
ଘେନି କମଣ୍ଡଳୁ ସେ ଅଗସ୍ତ୍ୟ ମୁନିଗଣେ
ଆସନ୍ତି ଦେଖିଲେ ରାମ ରାଜୀବଲୋଚନେ ।
ଦେଖିଲେ ସ୍ୱରୂପର ସୁକୁମାର ଭାଏ
ଦେଖନ୍ତି ରାମଙ୍କୁ ରକ୍ତଉତ୍ପଳ ଧ୍ୟାଏ ।
ତାହାଙ୍କର ମଧ୍ୟରେ ସେ ମୁଖ୍ୟ ଏକ ମୁନି
ସୁତୀକ୍ଷ୍ଣ ନାମରେ ଆଶ୍ରମକୁ ଘେଲେ ସେନି ।୨୯।
ଷଡ଼ଙ୍ଗେ ପୂଜାକଲେ ଯତ୍ନପୂର୍ବୀ ଦେଇ
ଶାସ୍ତ୍ର ପ୍ରକାରେ ମୁନି କହିଲେ ବଖାଣି ।
ପରମ ସନ୍ତୋଷେ ରାମ କତେକ ରହିଲେ
ଦୁଷ୍ଟଜନ ସମସ୍ତେ ରାମ ନିଧନ କରିଲେ ।
ଦଣ୍ଡକା ପହଞ୍ଚିବନେ କହେଲେ ରାମ
ଶରଭଙ୍ଗ ଋଷିର ସଙ୍ଗେ ଭେଟିଲେ ଆଶ୍ରମ ।
ସୁନ୍ଦର ଉପରେ ରହିଥିଲା ପକ୍ଷୀର
ପକ୍ଷୀର ଜଟାୟୁର ଶରୀର ଜଳଜର ।
ଅତି ଦୀର୍ଘ ଥଣ୍ଟା ଯେ ପେଲିକନ ଯେଉଁ ପକ୍ଷୀ
କଣ୍ଠ ଯଦି ପାଣି ଦେଖେ ତଥାପି କହୁଥି ? ।୩୦।
ଶାଳୁକ୍ଷ ପକ୍ଷ ମରିଛି କାଳ ଋଷିଗଣ
ଭୂଧର ମାଂସ ଯୁକ୍ତ କରନ୍ତି ବଧନା ।
ଅତି ଲମ୍ବ ଉଦର ଯେ ତାର ତାର ନାସା
ହେଲିପ୍ଟ ଶରୀରେ ଯେ ରକ୍ତ ମାଂସ (ଭଷା) ।
ଶୂନ୍ୟ ପୋଖରୀ ବସିଛି ଭଗ୍ନ ମୁଖ ଗାଳି;
ରାମ ସୀତା ଲକ୍ଷ୍ମଣ ପ୍ରବେଶ ହୋଇଲେ ଯାଇଁ ।

ରାମଙ୍କୁ ଦେଖିଣ ସେ କପଟ ମୃଗେ ବାଣି
ମନୁଷ୍ୟ ଆକାର ଧରି ଡାକିଲା ଆସି ।
ଏତେ କହି ଧାଇଁଲା ସେ ପବନ ସମାନ
ସୀତାଙ୍କୁ ଦେଖାଇବେ ସେହି ଜଙ୍ଗଲ ଗହନ । ୨୫୫ ।
ଦେଖି ରାମଚନ୍ଦ୍ର ସେ ଧନୁରେ ଗୁଣ ଦେଇ
ସୀତାଙ୍କଠାରୁ ଦେଖି ରାମ ଅଦୃଷ୍ଟ ହୋଇ ।
ଘୋର ବାଣ ଧନୁରୁ ଛାଡ଼ିଲେ ରଘୁବୀର
ପଡ଼ିଲା ଅମୋଘ ବାଣ ମାରୀଚ ଶରୀର ।
ନାଶେ ପ୍ରାଣ ଆକୁଳେ ଛାଡ଼ିଲା ତାର ଦେହ
ଅଦେଖ ଶୁଣ ହୋଇଲା ମନୁଷ୍ୟ ବାଣୀ ଦେହ ।
ଡାକଇ ରଦନ ବାକ୍ୟ କହଇ ରାମଙ୍କୁ
ମୋତେ ତାରିବାକୁ ରାମ ଆସିଲ ବନକୁ ।
ଲକ୍ଷ୍ମଣ ଗନ୍ଧର୍ବ ମୁଁ କୁବେର ଶାପ ପାଇ
ପାଇଲି ରାକ୍ଷସ ଜନ୍ମ ରହି ଏଥି ଠାଇଁ । ୨୬୦ ।
ଶାପରୁ ପରମ ମୁକ୍ତ ହୋଇଲି ମୋହର
ଦେଖିଲି ଶ୍ରୀରାମଚନ୍ଦ୍ର ଚରଣ ତୋହର ।
ଶରଭଙ୍ଗ ଆଶ୍ରମକୁ ଯାଅ ବେଗ ହୋଇ
ମୋତେ ଆଜ୍ଞା ଦିଅ ମୁହିଁ ସ୍ୱର୍ଗକୁ ଯିବଇଁ ।
କହୁଁ କହୁଁ ବିମାନ ଛତ୍ରେଣ ହୋଇ ଆସି
ରାମ ଆଜ୍ଞା ପାଇ ସେ ବିମାନେ ଗଲା ବସି ।
ଉପରାନ୍ତେ ଦେଖି ସେ ଜୋଡ଼ିଲେ ସେଥୁ ବନ
ଶରଭଙ୍ଗ ଆଶ୍ରମକୁ କଲେ ସେ ଗମନ ।
ଦେଖ ଶରଭଙ୍ଗଙ୍କ ସେ ତପସ୍ୟାର ଫଳ
ସ୍ୱର୍ଗକୁ ନେବାକୁ ଆସିଥିଲେ ଆଖଣ୍ଡଳ । ୨୬୪ ।
ଏମନ୍ତ ସମୟେ ରାମ ହୋଇଲେ ପ୍ରବେଶ
ଦେଖିଲେ ଇନ୍ଦ୍ରର ରଥ ରହିଛି ଆକାଶ ।

ଇନ୍ଦ୍ର ଉଭା ହୋଇଅଛି ଆଶ୍ରମ ଦୁଆରେ
ଛନ୍ଦ ହୋଇଛନ୍ତି ପାଦ ନ ଦେଇ ଭୂମିରେ ।
ଏମନ୍ତ ସମୟେ ରାମ ଲକ୍ଷ୍ମଣଙ୍କୁ ଦେଖି
ଏକାଠାରେ ଛନ୍ଦେ ଥାଅ ଲକ୍ଷ୍ମଣେ କହେ ଦେଖ ।
ଦେଖଇ ମୁଁ ଇନ୍ଦ୍ରଙ୍କୁ ହୁଅଇ ଏହୁ ଅନ
ଏତେ ବୋଲି ଅନ୍ତରକୁ ଚଳେ ଯେ ଗମନ ।
ଏଥୁ ଅନନ୍ତରେ ଶରଭଙ୍ଗ ମହାମୁନି
ଜାଣିଛନ୍ତି ଅନନ୍ତ ପରମ ବ୍ରହ୍ମ ଜ୍ଞାନୀ । ୨୨୦ ।
ରାମର ଗମନ ମୁନି ଜାଣିଛନ୍ତି ଚେତେ
ବାଟ ଚାହିଁଛନ୍ତି ମୁନି ଦର୍ଶନ ନିମନ୍ତେ ।
ଏମନ୍ତ ସମୟେ ରାମ ପ୍ରବେଶ ହୋଇଲେ
ମୁନିପାଦେ ଶିର ଦେଇ ଭୂମିରେ ଶୋଇଲେ ।
ଶରଭଙ୍ଗ ମୁନି ରାମ ରୂପକୁ ଚାହିଁଲେ
ସଂସାର ବନ୍ଧନ ମୁକ୍ତ ନିମିଷେ ହୁଅଇଲେ ।
ବୋଇଲେ ଶ୍ରୀରାମ ତୋତେ ଦେଖିବାର ପାଇ
ବାଟ ଚାହିଁ ବସିଅଛି ସ୍ୱର୍ଗକୁ ନ ଯାଇ ।
ଶରଭଙ୍ଗ ମୁନିଙ୍କର ଅନୁସର୍ଗ (ଣି) ସେତେ
ଅଗ୍ନିରେ ପଶିଲେ ଯାଇ ଦହନ ନିମନ୍ତେ । ୨୨୫ ।
ଅନ୍ତକାଳେ ନାମ ଯାର ସୁମରିଲେ ବାରେ
ନ ହୋଏ ଜନମ ମୃତ୍ୟୁ ଏ ଭବସଂସାରେ ।
ଯାହାଙ୍କୁ ଚିନ୍ତନ୍ତି ମୁନି ହୃଦୟକମଳେ
ତାହାଙ୍କୁ ଦେଖିବି ମୁହିଁ ପ୍ରାଣତ୍ୟାଗକାଳେ ।
ରାମ ରାମ ସୁମରି ଚାହିଁଲେ ରାମମୁଖ
ଈଶ୍ୱର ସଙ୍ଗତେ ସେ ବହିଲେ ସର୍ବସୁଖ ।
ରାମ ଭୂପଦର୍ଶନେ ନିର୍ମଳବପୁଃ ପାଇ
ତଂସାନ ବାମାଳେ ଗସିଲେ ମନ ଧାଇ ।

ମୁନିବର ସୁରଧର ଏଡ଼ ସଙ୍ଗେ ଗଲେ
ଇନ୍ଦ୍ରମୁଖ ସୁରେଁ ମୁନି ଏମନ୍ତ ବୋଇଲେ । ୨୮ ।
ଯାଅ ତୁମ୍ଭେ ସୁରବର ଅମର ଭୁବନ
ଶ୍ରୀ ରାମଦର୍ଶନେ ତୃପ୍ତ ହେଲେ ମୋର ମନ ।
ଅଖଣ୍ଡମଣ୍ଡଳ ହେଉଣ ଗଲେ ମୁନିବରେ
ଫେରିଲେ ଉତ୍ସବେ ଯାଇଁ ପରମ ସ୍ଥାନରେ ।
କହନ୍ତି ବ୍ରାହ୍ମଣ ଗୋବିନ୍ଦ ଶ୍ରୀରାମ ଶ୍ରୀପଦ୍ମରେ
ତାରଣ କରିବା ନ ଦେଖିଲୁ ଶ୍ରୀପଦ୍ମରେ । ୨୯ ।

---

ବନ୍ଦି ଯାଇଁ ପ୍ରବେଶ ହୋ ଅଗସ୍ତି-ଆଶ୍ରମେ
ଦଶାନ୍ତ ସୁକ୍ଷ୍ମ ଅଛି ଅଗ୍ନି ହୋତ୍ରୀ ଧୂମେ (ନାମେ ?) ।୧।
ଶ୍ରୀରାମ ବଚନେ ଶିଷ୍ୟମାନେ ଗଲେ ଧାଇଁ
ଅଗସ୍ତି ମୁନିଙ୍କ ଆଗେ କହିବାର ପାଇଁ । ୨ ।
ଆସି ରାମ ଲକ୍ଷ୍ମଣ ସୀତାସ୍ତା ମହାସତୀ
ଆଜ୍ଞା ହେଲେ ଆସିବେ ସେ ଉଚ୍ଚ ହୋଇଛନ୍ତି । ୩ ।
ଶୁଣି ମୁନିବର ସେ ଗଡ଼େଖ ଧାଡ଼ିଦ୍ୱାରେ
ଶିଷ୍ୟମାନେ ତିନି ଭାବେ ଦଣ୍ଡବତ କରି । ୪ ।
ହର ଧନୁ ହୋଇଲେ ଅଗସ୍ତି ତପସ୍ୱୀ । ୫ ।
ରାମଙ୍କୁ ସଙ୍ଗେ ନେଇ ଆଶ୍ରମକୁ ଗଲେ
ଶିଷ୍ୟମାନେ ଅଗସ୍ତି ଅଭିଷେ ପୂଜା କଲେ । ୬ ।
ସେଠାରେ ଭୂପେ କହିଲେ ଅଗସ୍ତି ମୁନିବର
କି ଅବା ଭାଗ୍ୟ ହେଲେ ଦୃଷ୍ଟି ମୋର ମୋହୋର । ୭ ।
ମଣିରତ୍ନ-ଖଚିତ କନକ ମହାଧନୁ
ରାମଙ୍କୁ ଦେବାକୁ ମୁନି ଆଣିଲେ ତୁରନ୍ତି । ୮ ।
ରାମଚନ୍ଦ୍ର ଶ୍ରୀ ହସ୍ତେ ଧନୁ ନେଇ ହେଲେ
ଅଗସ୍ତ୍ୟ ତୂଣ ଦେଇ ସେ ଏମନ୍ତ ବୋଇଲେ । ୯ ।

ମହୀଧନ୍ତୁ ସୁରଥର ଦୋଳଘରେ ଅଣି
ତୋଟେଙ୍ଗାର କୁସ୍ତରେ ଦେଖା ପାଇଁ ସୁପଣଖି । ୧୦ ।
ପୃଥୀସ୍ୱର୍ଗ ଭାଟିବାରେ ଭାତ ମାନବରେ
ଏ ଧନ୍ତୁ ଅଶ୍ୱସ୍କନ୍ଧ ଦେଲି ଅଣି ତୋରେ ।
ବୁଝିବାଲ ଉପାୟୁ ଷଡ଼ଙ୍ଗ ମୁନି ଭଣ୍ଟ
ମୁନିର ନିକଟେ ରାମ କହୁ ବନ ରକ୍ଷ ।
ଅଗସ୍ତି ମୁନିଙ୍କ ଆଜ୍ଞା ମାନି ରଘୁମଣି
ପଞ୍ଚବଟୀ ବନରେ ରହିଲେ ସୁଖ ଜାଣି ।
ନୃପଲେଖା ଏହି ଦିନେ ଅରଣ୍ୟ ଭିତରେ
ଭ୍ରମନ୍ତେ ପ୍ରବେଶ ପଞ୍ଚବଟୀ ବନସ୍ଥରେ ।
ଯେଉଁ ଠାରେ ସୁଖ ଭୋଗୁଛନ୍ତି ରଘୁମଣି
ସେଠାରେ ହୋଇଲା ଯାଇ ସ୍ୱଦେଶ ବହେଣୀ ।୧୫।
ତୋଷିଲା ଏ ଅରଣ୍ୟରେ ନିବାସ କାହାର
ଦେଖିବା ନିମନ୍ତେ ନାସା ଗଲା ଧୀର ଧୀର ।
ଶୁଭଙ୍କୁ ଦେଖିଲା ବନେ ଶ୍ରୀରାମ ଲକ୍ଷ୍ମଣ
ବାମ କରେ କୋଦଣ୍ଡ ଦକ୍ଷିଣେ ଶୀଘ୍ର ବାଣ ।
ନବଘନମୋହନ ମଦ (ନ ?) ମୋହନ ମୂରତି
ତେଜରେ ସଞ୍ଜିଲ ବଣ ପ୍ରକାଶ ଦିଗନ୍ତ ।
ସୀତା ବସିଛନ୍ତି ରାମ ବାମ ପାର୍ଶ୍ୱରେ
ଶରଦ ଚନ୍ଦ୍ରମା ଯେସ୍ତେ ନିର୍ମଳ ମେଘରେ ।
ମନେ ବାସୁରି ଭରଇ ସ୍ୱଦେଶ ବହେଣୀ
ଦେଖ ଅବା ହୋଇଲ ମୁଁ କି ନ ପାରିଲି ଜାଣି । ୨୦ ।
ତାଙ୍କୁ ଶୁଣିଥିଲି ପଞ୍ଚବଟୀ ବନସ୍ଥରେ
ବାସ କରିଛନ୍ତି ଦଶରଥର କୁମରେ ।
ସୀତାସୁନ୍ଦରୀ ସଙ୍ଗତରେ ଅଛନ୍ତି ଯୋ ସ୍ୱର
ତାଙ୍କ ବାହାରେ ଅନ୍ୟ ସର୍ବଥା କୁହୁଇ ।

ରାମଲକ୍ଷ୍ମଣଙ୍କୁ ଯହିଁ ଦେଖିଲୁ ନୟନେ
ବୋଇଲୁ ଯାଅତ ମୋତେ ଦେଖାଇବ ଦେବନେ ।
ଜେମନ୍ତେ ସୁରତକ୍ରୀଡ଼ା କରିବା ଏକାନ୍ତେ
ଏତେ ବୋଲି ଅସୁରୀ ବାହାର ହେଲା ବନେ ।
ଏତେ ବୋଲି ରାକ୍ଷସୀ ସ୍ୱରୂପ ଦୂର କରି
ହୋଇଲା ସୁନ୍ଦର ଯେସନ୍ତ ସ୍ୱର୍ଗର ଅପସରା ।୩୫।
ଖୋପାରେ ମୁକୁତାମାଳ ଶିରେ ସୀମନ୍ତମଣି
ନାନାରତ୍ନେ ଖଞ୍ଜିଅଛି ଲଲାଟେ ଚନ୍ଦ୍ରମା ।
କର୍ଣ୍ଣଜଡ଼ି କର୍ଣ୍ଣଫୁଲ ତାଡ଼ଙ୍କ କର୍ଣ୍ଣରେ
କୁଣ୍ଡଳ ବାଳି ବାହୁଟୀ ପଦକ ହୃଦୟରେ ।
କଙ୍କଣ କନକ ଚୁଡ଼ି ଅଛି ଆଭରଣ
ପାଦରେ ନୂପୁର ତାର ବାଜେ ରୁଣୁଝୁଣୁ ।
ଚମ୍ପକ ମୁକ୍ତା ଖଞ୍ଜିଅଛି ନାସାପଟେ
ସ୍ୱର୍ଗର ଅପସରା ପ୍ରାୟେ ହୋଇଛି ଜଗତେ ।
ମଦନ ବାଣରେ ମନ ହୋଇଅଛି ଛନ୍ନ
ଲଜ୍ଜା ଭୟ ଛାଡ଼ି ନାରୀ କରିଲା ଗମନ । ୩୬ ।
ଯେଣେ ରାମଚନ୍ଦ୍ର ଯହିଁ ଲକ୍ଷ୍ମଣ ସହିତେ
ସେଠାରେ ସୁର୍ପଣଖା ମିଳିଲା ତୁରିତେ ।
ଦେଖି ରାମ ଲକ୍ଷ୍ମଣ ବିସ୍ମୟ ହେଲେ ଚିତ୍ତେ
ତାହାର ସୁଲକ୍ଷଣ ଅଛି କ ନିମନ୍ତେ ।
କେ ଅଟୁ ବାଳିକା କୁମାରୀ ଦଣ୍ଡକ ବନେ
ଏଥିକାଳୁ ଅଇଲୁ ଆମ୍ଭ ସନ୍ନିଧାନେ ।
କେ ଅଟୁ ଅନାଥା ଇଚ୍ଛା କରୁଛୁ ମନରେ
କାହିଁ ଭାବ ଦେଖୁ ତୁରିତେ ଘୋର ବନେ
କି ଅବା ଦେବାଶ କାମ ଅଛି ପଠିଆଇ
ଅମ୍ଭଙ୍କୁ ଛଳ କରିବାର ପାଇଁ ।୩୭।

ତାହାର ସୁବର୍ଣ୍ଣ କଳା ତାହାର କୁମାରୀ
ତ ନାମରେ ଅସ୍ପୃଷ୍ଟ ମନେ ତ ରଖିବୁ ।
ଏଥା ହୋଇଲେ ନିକଟରେ ହୋଇଲୁ ପ୍ରବେଶ
ନାନା ଆଭରଣ ଦେଇ ହୋଇଛି ସୁବେଶ ।
ଆଗେ ଯାଇଁ ଦୁଃଖ ଯନ୍ତ୍ରୁଁ ହୋଇଲି ସୁବର୍ଣ୍ଣ
ସୀତାଙ୍କୁ ସ୍ପର୍ଶି କୋଳନ୍ତି ଉତ୍ସବ ।
ଉଠ ଗୋ ସୀତାଙ୍କ ଯାଅ ତାହାଙ୍କ ପାଶକୁ
କୁଶଳ ପ୍ରସଙ୍ଗ ଏଥା ପଚାର ତାହାଙ୍କୁ ।
ତାହାର କୁମାରୀ କଳା ସୁବର୍ଣ୍ଣ ତାହାର
ଅନ୍ତର ପଚାରିବା ଗୋ ତ୍ରିଜଟ ସୁନ୍ଦର ।୪୦।
ସୁବର୍ଣ୍ଣାକୁ ସୁବର୍ଣ୍ଣ ପଚାରି ଆସ ଯାଇଁ
ଯାହା ସେ କହିବେ ମୋତେ କହ ବେଗ ହୋଇ ।
ଶୁଣି ତହୁ ସୀତାଙ୍କୁ ଉଠିଲେ ଧାଣ୍ଡାରେ
ପ୍ରବେଶ ହୋଇଲେ ସୁପଲେଖାର ଆଗରେ ।
ସୀତାଙ୍କୁ ବୋଲନ୍ତି ଶୁଣ ଶୁଣ ଗୋ ସୁନ୍ଦରି
କା ନାମରେ ଆସିଅଛ ତହୁଁବା କହିବୁ ।
ସୁପଲେଖା ବୋଇଲା ମୁଁ ତହିଁକ ସେଠାରେ
ସୀତାଙ୍କୁ ବୋଇଲେ ଆସି ତହୁ ଧାଣ୍ଡାରେ ।
ସୁପଲେଖା କହିଲେ ଶ୍ରୀରାମ ମୁଖ ଦେଖି
ଶୁଣ ଗୋ ଶ୍ରୀରାମ ମୁଁ ଆସିଲି ସନ୍ଧି ପାଇଁ ।୪୧।
ତୁମ ଘର ଅଛି ଲୁଚେ ଅରଣ୍ୟ ଭିତରେ
ଲୁଚେ ଭାର୍ଯ୍ୟା ସୀତା ଅଛି ନିକଟରେ ।
ଅଜ୍ଞା ଦେଲେ ଲଭିବ ମୁଁ ଘରଣୀ ପ୍ରକାରେ
ଏଥିପାଇଁ ଆସିଲି ମୁଁ ଶୁଣ ରଘୁବୀରେ ।
ଶୁଣି ରାମ ହସିଲେ ବଦନ ମୁଖେ ଦେଖି
ହସି ହସି ଲକ୍ଷ୍ମଣଙ୍କୁ କହନ୍ତି ଡକାଇ ।

ସୂପଣେଖା ବଚନ ଶୁଣିଲେ ରୋଷ ଭରି
କହନ୍ତି ଏହା ଅପ୍ରବନ୍ଧ ପରିହାସ ହୋଇ ।
ଭଲ ସୁନ୍ଦରୀ ଏ କାହୁଁ ପାଇଲୁ ବନରେ
ଧନଜନ କାହିଁକୁ ତୁ ଭୁଲୁଷ ମନରେ ।୬୦।
ଲକ୍ଷ୍ମଣ ବୋଲନ୍ତି ରେ ସୁବଦା ହେଲୁ କାହିଁ
ସେବକର ଘରଣୀ ହୋଇବୁ ଯାହାଁ ପାଇଁ ।
ଭୁବନଜନ ସ୍ୱାମୀ ମୁଁ ଗୋ ଶ୍ରୀରାମ ଅଟନ୍ତି
ମୋହୋର ଅଏଛି ଗୋ ଗୁହୁଲ ମୋର ଦଶା ।
ସେଥିଁ ଅଶେଷ ବେଶରେ ମୁଁ ସେହୁ ଅଶେଷ ସିଦ୍ଧ
ଏଣୁ ଅଛା ରେବେ ମୁହିଁ ସେହୁଠାରେ ଥିବା ।
ତାହାର ନିକଟେ ତୁ ଗୋ ରହିବୁ ସୁନ୍ଦରୀ
ଏ କଥା କପଟ ନୁହିଁ ତୁ ଗୋ ନ ଭକ୍ତି ବାହୁଡ଼ ।
ଶ୍ରୀରାମର ଯେବେ ତୁ ଗୋ ହୋଇବୁ ଘରଣୀ
କଣ୍ଟକ ହୋଇବୁ ତୁ ଗୋ ମୋର ଠାକୁରାଣୀ ।୬୫।
ଏବେ ଯାଇଁ ଭଜ ତୁ ଗୋ ଶ୍ରୀରାମପଦରେ
ଶ୍ରୀରାମଙ୍କୁ ମଣାଇବୁ କାମ୍ଯ ପ୍ରଭାବରେ ।
ଲକ୍ଷ୍ମଣ ବଚନ ଶୁଣି ସୀତାଭାବ ଭଲ
ହେଉଛି ବୋଲି ଗୁପ୍ତି ରାମ ବଦନ ଚାହିଁଲା ।
ତୁମ୍ଭି ରାମ ବୋଲନ୍ତି ତୁ ଶୁଣ ରେ ଭଗ୍ନୀ !
ଲକ୍ଷ୍ମଣ ବଚନ ସବୁ ବୁଝିଲୁ ନ ଜାଣି ।
ଲକ୍ଷ୍ମଣର ସଙ୍ଗତରେ ନାହିଁ ନା ସ୍ତ୍ରୀରଙ୍କ
ସୁକୁମାର ସୁନ୍ଦରକୁ ଦେଖ ଯାଇଁ ପଣ୍ଡା ।
ଏହା ହେଉଛି ଭରସରେ ହୋଇଚ ତୋ ଘର
ସପତ୍ନୀ ଦୁଃଖ ଆଉ ନ ଥିବ ମନର ।୭୦।
ଲକ୍ଷ୍ମଣ ବୋଇଲେ ମନେ ଏକ ନ ଧରିବୁ
ଠାକୁରାଣୀ ଜାଣ ତାହାଁ ସେବକୀ ହୋଇବୁ ।

ଶୁଣି ହସି ରାମଙ୍କ ଭୃକୁଟିଁଲ ବାଙ୍କ ଭଳି
ଶୁଣି ରାମ ହସିଣ ବୋଇଲେ ବାଙ୍କ ଭଣି ।
ଦୁଇପଶେ ଦେଖୁଛୁ ମୋ ଦୁହିତା ଅଛି ସୀତା
ସପତ୍ନୀ ହୋଇଲେ ହେବ ମଣିଷ କଷ୍ଟପିତା ।
ମୋ ଭାଇର ନିକଟେ ନ ରହିବ ଭଦ୍ରା ତେବେ
ରୂପବତୀ-ଭୂଷଣ ତୁ ଯୋ ସଙ୍କୁ କେମନ୍ତେ ।
ଶ୍ରୀରାମ ବଚନ ଶୁଣି ସୀତାଙ୍କୁ ଦୁଷିଲେ
ଏମନ୍ତ କହିଁକି ଦାଙ୍କୁ ଦଇଲା ବୋଇଲେ ।୭୬।
ସୂର୍ପଣଖା ବୋଇଲା ତୁ ଶୁଣ ରଘୁବୀର
ସୀତାସ୍ତ୍ରୀ ଥିଲାରୁ ଅନ୍ୟ ନ କର ମନର ।
ସୀତାଙ୍କୁ ମାରି ତାର ଛେଦିବ ଶରୀର
ଲକ୍ଷ୍ମୀ ଛଡ଼ି ବଞ୍ଚାର ଭଜିବା ରଘୁବୀର ।
ଏତେ କହି ନିଜ ରୂପ ଧଇଲା ମୃଦଙ୍ଗୀ
ଲକ୍ଷ୍ମଣର ବଦନ ଦେଖି ଦାନ୍ତ ଭଙ୍ଗୀ ।
ସୀତାଙ୍କୁ ନାଶିବା ନିମନ୍ତେ ଧାଇଁ ଆସି
ମହାଘୋର ଶବଦେ ଗର୍ଜିଲା ସିଂହୀ ପରି ।
ବଡ଼ଭାର ଚପଳ ଭଳି ଧାଇଁଲା ରାକ୍ଷସୀ
ସୀତାଙ୍କୁ ଭକ୍ଷିବା ନିମନ୍ତେ ଆସେ ଲାଗି ।୭୭।
ଶ୍ରୀରାମ ଆଜ୍ଞାନ୍ତେ ଧାଇଁ ଧାଇଁଲେ ଲକ୍ଷ୍ମଣ
କେଶେ ଧରି ସୀତାଙ୍କର ରକ୍ଷିଲେ ପ୍ରାଣ ।
ଭୟେ ଚାଲି ସୀତା ଯୋ ପଶିଲେ ରାମପାଶେ
ସୀତାଙ୍କୁ ଧଇଲେ ରାମ ପରମ ହରଷେ ।
ଅଣ୍ଡା ପାଇ ବେଗେ ଅସି ସୁମିତ୍ରାକୁମର
ସୂର୍ପଣଖା କେଶ ଯେ ଧଇଲେ ଆଣିବାର ।
କେଶ ଧରି ଭୂମିରେ ପକାଇ ଦେଲେ କାଟି
ଦାଣ୍ଡୁ ଅସି ପ୍ରବେଶ ହୋଇଲା ରକ୍ତକୁଣ୍ଡୀ ।

ମାୟା ରୂପ ଧରି ତାଙ୍କୁ ଛଳିଲୁ ରାକ୍ଷସୀ
ରାମନାଥ ହୋଇବୁ ସୀତାଙ୍କୁ ପ୍ରାଣେ ନାଶି । ୭୫ ।
କପଟର ଫଳ ତୁ ପାଇବୁ ଏହିକ୍ଷଣି
ଦୁଷ୍ଟି ଦେଖ ଅଦର୍ଶି ଅଛଇ ଶିର ଧୁଣି ।
ନେଇ ଦଳ ଗ୍ରୀବା ଅରଣ୍ୟ ଭିତରେ
ଛେଦିଲା ଲକ୍ଷ୍ମଣ ନାସା କର୍ଣ୍ଣ ଖଡ୍ଗରେ (ନାସିକାର)
ସୂର୍ପଣଖା ଚାଲିଲା ସେ ଭର୍ତ୍ସନାର ପାଇଁ
ଛେଦିଲେ ଲକ୍ଷ୍ମଣ ନାସା ଦେଲେ ଖେଦାଇ ।
ସୂର୍ପଣଖା କରୁଣ ହୋଇଣ କାନ୍ଦି ଗଲା
ନିଶିଚର ଖରଦୂଷଣ ଆଗରେ କହିଲା ।
ପର୍ଣ୍ଣଶାଳେ ଥାଇ ଦଶରଥର କୁମର
ଏତେ ଶାସ୍ତି ଦେଲେ ଦେଖ ବଦନ ମୋହର । ୮୦ ।
ସୂର୍ପଣଖା ବଚନେ କୋପିତ ହୋଇ ଖର
ଚଉଦ(ଖ)ର ରାକ୍ଷସ ସେନାପତି ବରଜିଲେ ।
ରାମଙ୍କୁ ମାରିବା ପାଇଁ ସମସ୍ତେ ଧାଇଁଲେ
ଶ୍ରୀରାମ ନିକଟେ ଯାଇଁ ଉପନୀତ ହୋଇଲେ ।
ସୂର୍ପଣଖା ଯାଇଥିଲା ସଙ୍ଗତେ ଦେଖାଇ
ତେଣୁ ଭାଇଙ୍କର ମୃତ୍ୟୁ ଦେଖିବାର ପାଇଁ ।
ଆଶ୍ରମରେ ଥାଇ ତା ଜାଣିଲେ ରଘୁବୀର
ଧନୁରେ ଚଢ଼ାଇ ଗୁଣ ସନ୍ଧାନିଲେ ଶର ।
ଶୁଖିଲା ଅରଣ୍ୟ ଯେସନେ ଲାଗଇ ଅନଳ
ଏହା ନାଶିତ ସେ ଶତ୍ରୁ ହୋଇଲେ ସକଳ । ୮୫ ।
ତାହାଙ୍କ ମରଣ ଜାଣି ସୂର୍ପଣଖା ଗଲା
ନିଶିଚର ଖରଦୂଷଣ ଆଗରେ କହିଲା ।
ସୂର୍ପଣଖା ତତ୍ପରେ ଚାଳିଲା ରଥସଜ
ବାଦ୍ୟ ବଜାଇ ହୋଇଲେ ସର୍ବେ ସଜ ।

କି ଶୋଭା ଶରଭୂଷଣ ସୈନ୍ୟ ଯେତେ ସବେ
ଧନୁ ଟଙ୍କାରେଣ ସେ ଧାଇଁଲେ ରଣରବେ ।
ବାଦ୍ୟନାଦ ମୁଖରିତ ଶୁଣି ରଘୁବୀର
କହୁଥିଲେ "ଲକ୍ଷ୍ମଣ ଶୁଣ ସୁମିତ୍ରା କୁମର ।
ସୀତାଙ୍କୁ ଘେନି ରହିଥାଅ ନିର୍ଜନରେ
ଦେଖଇଁ ସେ ଆସୁଅଛି ମୋହର ନିକଟେ" ।୯୮।
କହନ୍ତ ସଜତ ହେଁ ଶ୍ରୀରାମ ଏତେ ହେଲେ
ଶୀଘ୍ର ଅସ୍ତ୍ରଶସ୍ତ୍ର ଧରିଲେ ବାହୁରେ ।
ଧନୁରେ ଲଗାଇ ପୁଣ ସେତେ ଶର(ତୀର)ଶର
ଶତ୍ରୁଶ୍ରେଣୀ ଉପରେ ସେ ବର୍ଷିଲେ ବାହାର ।
ପ୍ରଭାତ ସମୟେ ଯଥା ସୂର୍ଯ୍ୟ ଦିବାକର
ତିମିର (ର) ନାଶିବା ପାଇଁ ଛାଡନ୍ତି କିରଣ ।
ଅସୁରଙ୍କ ଅସ୍ତ୍ରର ବାଣେ ରାମଶରେ
ରହିଲେ ଅଟଳ ହୋଇ ମେରୁଶୃଙ୍ଗ ପ୍ରାୟେ ।
ରାମ ତହିଁ ଚଳିଲ ସେ ସକ୍ଷୁଣ ଦୃଷ୍ଟି
ଧାଇଁଣ ରାକ୍ଷସବଳ କଲେ ଶରବୃଷ୍ଟି ।୯୯।
ଶରଜାଳେ ନ ଦିଶଇ ଶ୍ରୀରାମର କାୟେ
ଦେଖି ସୁରଗଣ ଘୋର ଆକାଶେ ଭଲେ ଭୟେ ।
ରାମ ଶରେ ସକଳ ଶତ୍ରୁ (ଶସ୍ତ୍ର) ମାନ କାଟି
ରାକ୍ଷସ-ସୈନ୍ୟରେ ରାମ କଲେ ଶରବୃଷ୍ଟି ।
ନିରତେ ଧନୁରୁ ବାହାରିଲା ଶରଧାର
ଘଡିଏକ ରଥୀଙ୍କର ମୁଣ୍ଡ ଲୁଣ୍ଠିଲ ।
ଛିଣ୍ଡିଲା କରଚରଣ ଶିର ହସ୍ତି ହୟ
ଶତଶତ ହୋଇ ତହିଁ ପଡିଲା ନିବଡ ।
ପୁଣି ପୁଣି ଶତ୍ରୁ ଧାଉଁଛନ୍ତି ପୁଣ ପୁଣି
ରାମଙ୍କୁ ନାଶିବ ବୋଲି ଯେମନ୍ତ ଧନୁ ଟାଣି ।୧୦୦।

ସ୍ୱମଣରେ ଶବ୍ଦ ହୋଇଲା ଟ୍ରିଣ୍ଡ
ଦୁର୍ଗୁଣରେ ପଡ଼ିଲା ଅନେକ ମୁଣ୍ଡପିଣ୍ଡ ।
ସୁଗ୍ରୀବ ଲେ ବୃକ୍ଷବଳ ସ୍ୱମଶରଘାତେ
ବୀରଙ୍କର ପାଣେ ଯାଇଁ ବହନ୍ତି ଲୁଦ୍ଧତେ ।
ସୈନ୍ୟଙ୍କୁ ଦେଖିଣ ଧାମନ୍ତି ତାଳ ଶବେ
ହରେଣ ହୋଇଲେ ଯାଇଁ ଶ୍ରୀରାମ ଅଗ୍ରେ !
ଅଷ୍ଟଂଶ୍ୱ ପେଷିଲେ ବାଣେ ଶ୍ରୀରାମ ଉପରେ
ଲକ୍ଷ ବୃକ୍ଷ ପଡ଼ନ୍ତି ଯେସନ ଶିଳାରେ ।
ପୁଣି ହୋପଙ୍କରେ ସ୍ୱମ ପ୍ରହାରିଲେ ଶର
ଚ୍ଛେଦିଲେ ସକଳ ବାଣ ସଂଗ୍ରାମ ଶିର । ୧୦୫ ।
ଶରଘାତେ ଛେଦିଲେ ଅସୁରଙ୍କ ପିଣ୍ଡ
ହେଲେ ସକଳ ରଥ ଦଣ୍ଡ ଖଣ୍ଡ ।
ପାଦଘାତ ହୋଇଲେ ଅସୁର ଶାନିକାଶ
ହୀନାଘାତ ସଙ୍ଗତେ କରନ୍ତି ଘୋର ରଣ ।
ସ୍ୱମଚନ୍ଦ୍ର ଟେରେ ତହିଁ ଅସୁରଙ୍କ ଶରେ
ଶନଦଶି ଅଦୃଶ୍ୟ ହୋଇଲେ ଆକାଶରେ ।
ତାଙ୍କାଙ୍କର ଶର ନାଶ କରି ରଘୁବୀର
ପୁଣି ବାଣ ପ୍ରହାରିଲେ ଦଶାନନ ଉପର ।
ଦେଖିଲେ ଶ୍ରୀରାମ ବାଣ ଅଗ୍ନିଙ୍କ ପ୍ରଚଣ୍ଡ
ଭୁଜେ ବୃକ୍ଷନ ତାଙ୍କ କଲେ ଖଣ୍ଡ ଖଣ୍ଡ ।୧୧୦।
ପୁଣି ବାଣ ପ୍ରହାରିଲେ ଶ୍ରୀରାମ ଉପରେ
ଅସତ୍ୟେ ନାଗପାଶ ସ୍ୱମ ଛେଦି ଥାଣିବାରେ ।
ପୁଣି ରାମ ନାଗପାଶ ପେଷିଲେ ଦୁଇବାଣେ
ଶତ୍ରୁଙ୍କର ଠାଣୁ ଛେଦ ପଡ଼ାଇଲେ ତଳେ ।
ପୁଣି ସ୍ୱମଚନ୍ଦ୍ର ତୀକ୍ଷ୍ଣ ବାଣ ପ୍ରହାରିଲେ
କୁଣ୍ଡଳ ସହିତେ ଶିର ଛେଦ ପଡ଼ାଇଲେ ।

ସେତକ୍ଷ (?) ଯୋଦ୍ଧାଏ କାହିଁ ଥିଲେ ରଣ ଦେଶେ
ପଳାଇ ଅରଣ୍ୟେ ଯାଇଁ ଢୋକିଲେ ପ୍ରବେଶ ।
ଅଚଳ ସ୍ୱୟଂ ଚଳ ସଂଗ୍ରାମେ ସଂହାରି
ନିଃଶିଷ୍ଟ ଖର ଦୂଷଣ ଉତେଣ ଯାଏଣ ନାରି ।୧୯୬।
ବାଃ କୁଶ ଶକ୍ତି ଅଛି ହେଲେ ପ୍ରଚାରରେ
ସୀତାସ୍ମା ଲକ୍ଷ୍ମଣ ଅଛି ପ୍ରବେଶ ରନ୍ଧ୍ରରେ ।
ଦେଖିଲ ଖର ଦୂଷଣ ନିଃଶିଷ୍ଟ ନିଧନ
ଶୂର୍ପଣେଖା ଅତି ଦୁଃଖେ କରଇ ଗମନ ।
ଅନ୍ତି ସୂର୍ପଣେଖା ଘନ ଲଙ୍କା ଭୁବନକୁ
ମଦନ ତୃଷ୍ଣାର୍ତ୍ତ ସେ ଦେଖିଲ ରାବଣକୁ ।
ନିଭୃତେ ବାଳାକୀ ରାବଣ ସ.ର ଭଇ
ମନୁଷ୍ୟ ମାଂସ ଯୋଗେ ଏତେ ଖାନ୍ତି ଦେଇ ।
ଛାତ୍ରମ ଲକ୍ଷ୍ମଣ ବାଣରେ ଥିବ ଭୂମରେ
ହେଉଥିଲେ ପ୍ରବାଣ ନାସା କାନ ଅସ୍ତ୍ରାଧରେ ।୧୯୭।
ଚଉଦ ସହସ୍ର ସୈନ୍ୟ ସଂଗ୍ରାମେ ସଂହାରି
ନିଃଶିଷ୍ଟ ଖର ଦୂଷଣ ଏବେ ଘ.ଘେ ନାରି ।
ରାବଣ ବୋଲଇ ପଞ୍ଚବଟୀ ଗହନରେ
ଅଛନ୍ତି ସେ କେଉଁ ରାମ କେମନ୍ତ ପ୍ରକାରେ ।
କେ ଏତେ ଧନ୍ଦା ମାରନ୍ତି ଅନ୍ତକ ତାଙ୍କର
କେତେ ସୁଖ ଧନୁ ବାଣ କେତେ ବଳ ଅର ।
ଶୂର୍ପଣେଖା ବୋଲଇ କାହିଁକି ମାରିଥିଲ
ପୂର୍ବେ ତୋତେ ସେ କଥା ତ ପାଶୋରି ପକାଇଲ ।
ଇନ୍ଦ୍ରଜିତ ସଙ୍ଗେ ରଣ ନ ପାରିବ କରି
ଭୁବନେ ମଦନ ତାକୁ ଦେଖିବ ନାହିଁ ହରି ।୧୯୮।
ରୂପ ତାର ଲକ୍ଷ୍ମଣ ସୁଣରେ ସୁକୁମାରୀ
ଧରଇ ରାମଙ୍କୁ ସେବା ଭକ୍ତି ଧର୍ମ ଜାଣି ।

ସୁସମା ତାହାର ସୀତା ଜନକନନ୍ଦିନୀ
ତ୍ରିଭୁବନେ ନାହିଁ ଯାର ଏମନ୍ତ ସୁନ୍ଦରୀ ।
ଉମା କି କମଳା କିବା ଦେବାଙ୍ଗନା ନାରୀ
ଅନଙ୍ଗ ମୋହିନୀ ରତି ନୋହେ ତାଙ୍କ ସରି ।
ସୂର୍ପଣଖା ବଚନ ଶୁଣିଣ ଦଶଶିର
ଛନ ଛନ ମନ କାମେ ଦହଇ ଶରୀର ।
ଉଠଇ ବସଇ ମୁଖ ଶୁଖାଇ ତାହାର
ଚେତିଲା ସଘନ ପୁଣ ସ୍ମରିଣ ବିଷ୍ଣୁର । ୧୩୩
ଚେତନା ଲଭିଲେ ଏବେ ସ୍ମରୁଥାଏ ସୀତା
ମାରୀଚ ନିକଟେ ଯାଇ ହୋଇଲା ଉପସ୍ଥିତା ।
ଯେତେବେଳେ ପ୍ରାଣୀଙ୍କି ଛଳଇ ଭଗବାନ
କପଟି ପଥିକୁ ତାର ଭାବୁଥାଇ ମନ ।
ତାହାଙ୍କ ଅମୃତ ସେହି ବିଷରୁ ଗଣ ମଣ
ବିଷକୁ ଅମୃତ ସେହି ମଣିଲା ରାବଣ ।
ସାରଥିଙ୍କ ଚୋଇଲା ବିମାନ ବେଗେ ଆଣ
ବିମାନରେ ଚଢ଼ିଲା ଖଡ୍ଗ ଧନୁର୍ବାଣ ।
ଆଜ୍ଞା ପାଇ ସାରଥି ବିମାନ ନେଇ ଗଲା
ବିମାନରେ ବସିଲାକୁ ଦଶମାଥ ଗଲା । ୧୩୪
ସମନ୍ତେ ମନ୍ତ୍ରୀ ତାର ଜାଣିଲା ମୂଳରେ
ଚରଣ ଧୁଇଲେ ସେ ବିମାନ ପାଖରେ ।
ଯହିଁ ଗୁଣ୍ଠ ଧ୍ୟାଇଅଛି ମାରୀଚ ସୁବୀର
ତହିଁ ଯାଇଁ ଉପଗତ ହୋଇଲା ସତ୍ୱରେ ।
ରାବଣକୁ ଦେଖିଣ ମାରୀଚ ଉଠି ବେଗେ
ନେଲା ପାଦ ଧୋଇ ପୂଜା ରାବଣର ଆଗେ ।
ବୋଇଲା କି ନିମନ୍ତେ ବିଜୟ ଦଶଶିର
ଆଜ୍ଞା ଦେବା କି କାର୍ଯ୍ୟ ମୁଁ କରିବି ତୁମ୍ଭର ।

ସୁବର୍ଣ୍ଣ ବୋଇଲୁ ତୁ ଯେ ପରମ ବିଶ୍ୱାସ
ତୋର ବାହୁବଳକୁ ସର୍ବଦା ମୋର ଆଶ ।୧୪୭।
ପଞ୍ଚବଟୀ ବନେ ରକ୍ଷ ଶ୍ରୀରାମ ଲକ୍ଷ୍ମଣ
ଛେଦିଲେ ସୂର୍ପଣଖାର ନାସିକା ଶ୍ରବଣ ।
ଚଉଦ ସହସ୍ର ଘୋର ଦୈତ୍ୟବଳ ନାଶି
ବିନ୍ଧିଲେ ଖର ଦୂଷଣ ସର୍ବଜନ ତ୍ରିଶିରି ।
କର୍ଣ୍ଣରେ କ ଶୁଣି ନାହୁଁ ମୋହର ମହିମା
ନ ଜାଣୁ ରଖୁଅଛୁ ଏମନ୍ତ ଗାରିମା ।
ତୁହି ହେବେ ସାହା ମୋତେ ହୋଇବୁ ପ୍ରସନ୍ନ
ରାମର ଭାର୍ଯ୍ୟା ସୀତା ହରିବ ଅବଶ୍ୟ ।
ମାରୀଚ ତୁ ସମସ୍ତ ଗର୍ବର ହୋଇ ପାରୁ
ହୋଇବ ସନ୍ତୋଷ ଯେତେ ମୋର ଦେଖି ତନୁ ।୧୪୮।
କନକ ମୃଗ ସ୍ୱରୂପ ହୋଇ ତହିଁ ଯିବୁ
ରାମ ସୀତାଙ୍କର ଆଗେ ପ୍ରବେଶ ହୋଇବୁ ।
ରାମ ତ ଆସିବ ତୋତେ ମାରିବାର ପାଇଁ
ଶୂନ୍ୟଗୃହେ ସୀତାଙ୍କୁ ଆଣିବ ହରଇ ।
ରାବଣର ବଚନେ ମାରୀଚ କହେ ବାଣୀ
ନାଶକୁ ଉପାୟ ରଜା କରିଅଛୁ ଆସି ।
ଶ୍ରୀରାମର ମହିମା କି କର୍ଣ୍ଣେ ଶୁଣି ନାହୁଁ
ହସ୍ତରୁ ନାଶନ ଭୁଞ୍ଜି ପାଇଅଛୁ କାହୁଁ ?
ଯଜ୍ଞ ରକ୍ଷିବାର ପାଇଁ ବିଶ୍ୱାମିତ୍ର ମୁନି
ନାଶିବାକେ ବନକୁ ଆସିଲେ ରାମ ନେଇ । ୧୫୦ ।
ତାଡ଼କା ସୁବାହୁ ସ୍ତ୍ରୀଣ ଚଳି ରାମଶରେ
ଦେଖିଲୁ ବାହୁଭା ଶର ମୋହର ଉପରେ ।
ବାଣଘାତେ ଉଡ଼ିଲି ପବନେ ତୂଳା ପ୍ରାଏ
ଅନେକ ଯୋଜନେ ଆସି ପଡ଼ିଲି ମୋ ଭାଏ ।

ଇନ୍ଦ୍ର ଯମ ବରୁଣ କୁବେର ବଳୁ ଭୟ
ନ ଦେଖିଲି ଅର୍ଜୁନ ର ସଂଗ୍ରାମ ସମୟେ ।
ମୋତେହୋଇ ରଚନ କୁତ କୃତ ଯେନ ଚଢେ
ବାଣ୍ଡୁଣି ଲଙ୍କାରେ ଦେଖ ପର ଲୁ ନିଶ୍ଚିନ୍ତେ
ମାଗତ ବଚନେ ଯୁଣ ବଳ୍ପିଇ ସୁରଣ
ଶୁ ମୋର ପରମହ୍ମତକର ମୋତେ ଶୁଣ । ୧୫୨ ।
ଧର ଉପକାର ମୋର ମୁଖ ରୂପ ଧରି
ତୋତେହୋଇ ଯୁଦ୍ଧେ ସୀତା ହୋଇବ ମୋ ନାରୀ ।
ତୋତେ ନାଶିବାକୁ ଯେ ଯେ ଯୁଗନ ଦୁହିଲି
ଅର୍ଜୁନର ଯେନ ମୁଁ ଯେ ଥିବଇଁ ତୋ ପାଇଁ ।
ମାଗତ ହୋଇଲ୍ଲ ଲଙ୍କା ଭଦଗ୍ରୁ ଛୁ ରସ
ବରସ୍କିତ ଦକ୍ଷ ନାଟୁକ (ବାଣୀ) ଗ୍ରାଣୀ ଗାୟୁ ।
ସମ ସେବେ ବାସ୍ପବ ନାଶିବ ପାତାଳ
ଏଭା ନାସ୍ତବେ ନାଗ ନାଶିବ ସକଳ ।
ଶାରଲି ଶୁଖାଇ ଦାତେ ସପତ ସାଗର
ନାଶରେ ପାରଲ ହେବ ସୁରସର ପୁର । ୧୬୦ ।
ଲୁଳ ସୋଜ ସମ୍ଭେତ ସୁବଣ ନୋହୁ ନାଗ
ମୋହର ବଚନେ ଯାଇଁ ଲଙ୍କାପୁରେ ଥାଅ ।
ସୁବଣ ବୋଇଲ୍ଲୁ ମୋର ବଚନେ ନ ଯାଉ
ସମର ମହିମା ଦେହ ମୋହରେ ଦୃଶ୍ୟଉ ।
ଲୁଇ କୁମ୍ଭକର୍ଣ୍ଣ ମୋର ପୁତ୍ର ଇନ୍ଦ୍ରଜିତ
ପୁତ୍ର ନାତି ମହାରଥୀ ଅଛନ୍ତି ବହୁତ ।
କର୍ଣ୍ଣକୁ ଯେ ଅର୍ଜୁ ମୋର ବାହିଲୁ ସେ ଶର
ସ୍ବର୍ଗେ ଝୁକ୍ତି ଇନ୍ଦ୍ର ଦେବତା ଅସୁର ।
ମନୁଷ୍ୟମାନଙ୍କୁ ତେତେ ଦବୁଛୁ ବଡ଼ାଇ
କର୍ମିତ ସଂଗ୍ରାମରେ ମାଅଁ କେବଳ ସୁର । ୧୬୫ ।

ଯାଅ ହେ ମାରୀଚ ଯେନ ମୋହୋର ବଚନ
କନକର ମୃଗ ରୂପେ ଧରି ଦରଶନ ।
ମାରୀଚ ବୋଇଲା ତୋର ଖାଉଅଛି ଅନ୍ନ
ନ ଶୁଣିବ ସର୍ବଥା ମୁଁ ତୋହୋର ବଚନ ।
ମୋହୋର ବଚନ ତୁ ରାବଣ ଥାଅ ଶୁଣି
ଛୁଇଁଲେ ସୀତାଙ୍କୁ ଜଳେ ଲଙ୍କାର ମେଦିନୀ ।
ମନ୍ଦୋଦରୀ ପ୍ରମୁଖ ତୋହର ଶିଶୁ ନାରୀ
ସୁରନାରୀ ନାଗନାରୀ ସର୍ବ ଅପଘାତ (ସ୍ତ) ସ୍ତ ।
ରହିମସ୍ତ ପାତେଣ୍ଟ ସମ୍ପଦ ସାର ଖଣ୍ଡ ।୧୨୩।
ଲୁପଥେ ନ ଯିବ ତୁ ସର୍ବଥା ଶୁଣ ରକ୍ଷ ।
ମୋହୋର ବଚନ ଏ ପରମ ହିତ ଜାଣ
ଶୀଘ୍ର ତୁ ଫେରି ଲଙ୍କା ଯାଅ ତୁ ରାବଣ ।
ମାରୀଚ ବଚନ ଶୁଣି କୋପିଲା ରାବଣ
ମୋହୋର ବଚନ ଲଙ୍ଘି କହୁ ଗୁଣ ଗୁଣ ।
ଯାଅ ବେଗେ କନକ ମୃଗ ସ୍ୱରୂପ ହୋଇ
ଆଶ୍ରମ ନିକଟ ଯିବ ମାରିବାର ପାଇଁ ।
କେତେ ଭୁକେ ଭାଜି ହୋଇ ଜାଣୁ ତୁ ସକଳ
ବାଧ୍ୟ ଉପାୟୁ ତୁ କରିବୁ ମହାବଳ ।
ମାରୀଚ ବୋଇଲା ଯେତେ କହୁଛୁ ବିସ୍ତର
ପାଳିଲି ଫଳର ପ୍ରାପ୍ତ ହୋଇଲି ତୋ ଖଣ୍ଡା ।୧୨୪।
ମୃଗ ରୂପ ଧରିଣ ମାରୀଚ ଗଲା ଚଳି
ରାମ ସୀତା ଲକ୍ଷ୍ମଣ ଅଛନ୍ତି ଯାହିଁ ମିଳି ।
ରୂପାର ହୋଇଛି ଦେହ କନକର ପିଠି
କୁଙ୍କାର ସ୍ୱପର ହୋଇଛି ଗୋଟି ଗୋଟି ।
ପୋକଳାରେ କମ୍ପିତ ହୋଇଛି ଶୃଙ୍ଗ ଖୁର
ମର୍କତ ନିର୍ମିତ ନେତ୍ର ଚକ୍ଷୁ ମାଣିକ୍ୟର ।

ନାନା ରତ୍ନ ଶ୍ରାନ୍ତେକ ତଷର ଉପ୍ତମାନ୍ତ
ମୃଦୁଳ ଉ. ନିର୍ମଳ ହୋଇଛି ଦନ୍ତପନ୍ତି ।
ଅପରେ ପ୍ରବେଶ ହୋଇ ମୃଗରୂପ ଧରି
ସୁଲଳ ଭାବରେ ସେ କରିଥା ଘାସ ଚରି ।୧୮୦।
ରାମର କୁଟିରେ ଯାଇଁ ହୋଇଲା ପ୍ରବେଶ
ପୁଣ ବନେ ଫେରଇ ସେ ହୁଅଇ ଅଦୃଶ୍ୟ ।
ପୁଣି ଫୁଲ ପଲ୍ଲବକୁ ଦେଖି ଶୁଙ୍ଘେ ଧରେ
ପୁଣି ପୁଣି ଛନ୍ନ ହୋଇ କିମ୍ପୁର ପାଶରେ ।
ନାନା ରତ୍ନସ୍ୱର୍ଣ୍ଣ ଯନ୍ତ୍ରେ ହୋଇଛି ନିର୍ମାଣ
ଦେଖିଲେ କଉତୁକ ଭୁଲି ଜନକନନ୍ଦିନୀ ।
କର ଯୋଡ଼ି କହନ୍ତି ଶୁଣିମା ରଘୁମଣି
କନକ ସ୍ୱରୂପ ମୃଗ ଏହି ମୋତେ ଆଣି ।
ମୋତେ ଶ୍ରଦ୍ଧା ଯେବେ ଅଛି ରଘୁକୁଳ ମଣି
ମୃଗ ଆଣି ଏତ ଧନୁଅଛି ଶ୍ରୀଚରଣ ।୧୮୫।
ସୀତାର ବଚନ ଶୁଣି ଦେବ ରଘୁମଣି
ବୋଇଲେ ଧରଣି (ଧର) ରୂପ ଜନକ ଦୁଲଣୀ ।
ଧନୁର୍ଦ୍ଧର ଧରିଣ ଯେ ଅରଣ୍ୟକୁ ଯିବ
ମୃଗ ଧରି ଆଣି ତୋତେ ଦେବ ଯେ ସାଧବୀ (ବ) ।।
ଏତେ ବୋଲି ଅନୁଜର ଡାକିଲେ ରାମ ପୁଣ
ବୋଇଲେ ବଚନ ମୋର ଶୁଣ ହେ ଲକ୍ଷ୍ମଣ ।
ମୃଗ ମାରିବାକୁ ମୁଁ ଯେ କରୁଛି ଗମନ
ସୀତାଙ୍କୁ ରକ୍ଷିଥାଅ ହୋଇ ସାବଧାନ ।
ରକ୍ଷା ପଡ଼ି ବସିଛ ସେ ବାଘ ସିଂହମାନେ
ପୂର୍ଣ୍ଣ ହୋଇଛନ୍ତି ତାକୁ ଗହନ କାନନେ ।୧୯୦।
ବାଲୁତ ଦାନବମାନେ ଥାନ୍ତି ଅରଣ୍ୟରେ
ସୀତାକୁ ଜଗିବଟି ଦେଖିଥିବ ଏକାନ୍ତରେ ।

ସାବଧାନ ହୋଇ ଥିବୁ ଭେଳ ଧନୁଶର
ବନ୍ଧେ ହେଁ ନ ଛାଡ଼ନ୍ତି ପକ୍ଷୀଙ୍କ ଦ୍ୱାର ।
ଏତେ ବୋଲି ଧାଇଁଲେ ଭରଷ ହୋଇ ମନେ
ଘନ ନାଶିବାକୁ କି ପଶିଲା ସିଂହ ବନେ ।
ମାରୀଚ ଦେଖିଲା ଧାଇଁଲେ ରଘୁପତି
ମୁହିଁ ନାଶିବାକୁ ଘେନି ଧନୁର ସଂଗତି ।
ସ୍ୱାମୀ ଆଜ୍ଞା ନାମନ୍ତେ ହୋଇଲି ଅତେବ ଏକ
ବଞ୍ଚିବ ସ୍ୱରୂପ ମୃଗ ଦଣ୍ଡକରୁ ଦୌଡ଼ ।୯୯।
ମୃଗ ଦେଖି ରାମଙ୍କୁ ବେଗ ଭେଳ ଧନୁଶର
ଅନେକ ହରିଣ ମୃଗ ହୋଇଲା ଅନ୍ତର ।
ପବନ ସମାନ ବେଗ ବଳି ରଘୁମଣି
ମାୟା ମୃଗ କାଟେ ମିଳିଲେ ଧନୁ ଟାଣି ।
ଦେଖିଲା ମାରୀଚ ରାମ ଲାଗନ୍ତେ ଗୁହେଣ
ସେହିକ୍ଷଣି ମାୟା ମୃଗ ହୋଇଲା ଅଦୃଶ୍ୟ ।
ମାରୀଚ ଚଳାଇ ଶୁଣ୍ଡାରନ୍ତେ ଧନୁ ଟାଣି
ମାୟାମୃଗ ଆଗରେ ନ ଦେଖି ରଘୁମଣି ।
ଖୋଜନ୍ତି ବନରେ ପଶି ବାବଧ ସ୍ଥାନରେ
କର୍ଣ୍ଣର ଭରର ନବୀନମାନଙ୍କରେ ।୨୦୦।
ଶ୍ୟାମଶୋଭ ବର୍ଣ୍ଣ ସେ ଶ୍ୟାମ ଗଉଳବରେ
କାଳଧାଉ ସୁବର୍ଣ୍ଣ ନବୀନ ମେଘରେ ।
ପୁଣି ଦୃଶ୍ୟ ହେଲା ମୃଗ ଶ୍ରୀରାମ ଆଗରେ
ଚକ୍ଷୁ ପଲକ ନ ହୁ ମୃଗ ଯୋଜନ ଅନ୍ତରେ ।
ଧାଇଁ ରଘୁମଣି ବେଗ ମିଳିଲେ ମୃଗପାଶେ
ଚାହୁଁଣି ଲୁଚିଲେ ମୃଗ ମିଳିଲା ଆକାଶେ ।
ସନ୍ଧିଲେ ନାରାଚ ରାମ ଆକାଶକୁ ଚାହିଁ
ଭୂମିରେ ପଡ଼ିଲା ମୃଗ ଆକାଶରୁ ଝାଡ଼ି ।

କ୍ଷଣକେ ଅନ୍ଧାରେ କ୍ଷଣେ ଶୂନ୍ୟରେ ରମଇ
କ୍ଷଣକେ ଅଦୃଶ୍ୟ କ୍ଷଣେ ପ୍ରକଟେ ଧାଅଇ ।୨୦୫।
ଦୃଢ଼ ଧନୁ ଧରି ଦଶରଥର ନନ୍ଦନ
ବୋଇଲେ ଜନକସୁତା ମୋତେ ଦେଲୁ ଭ୍ରମ ।
ଶୁଣିବା ଅକାଶ ଅନ୍ତରୀକ୍ଷ ଅବ ଜଳ
ଧନ ବନସ୍ତଳ ରୋଚା ଶାଉର ପ୍ରେତେ ରିଳ ।
ମନ୍ତ୍ର ପଢ଼ି ବାଣ ରାମ ବସାଇ ଧନୁରେ
ଛାଡ଼ିଲେ ପଡ଼ିବ ସଖୁଁ ମାଇ ଥାଉଥାଉରେ ।
ମୃତ୍ୟୁର ମାନବ ବାଣୀ ସେକେ କ୍ଷଣ
ରାମବାଣ ଲାଗିଛି ହେ ଲକ୍ଷ୍ମିଣ ଗାଳନ ।
ସର୍ବଜ୍ଞ ପ୍ରଭୁ ହୋ ଧାଇଁଲେ ରାମ ଶର
ଜଣିଲୁ ଅତିଳ ବାଣ ମାରିଚକୁ ବୀର ।୨୧୦।
ପ୍ରାଣ ତ୍ୟାଗସମୟେ ଡାକିଲୁ ଘୋର ବାଣୀ
ରକ୍ଷାକର ଲକ୍ଷ୍ମଣ ମୋତେ ଦୁଃଖ ଜାଣି ।
ମୁଣି ମୁଣି ଡାକଇ ଲକ୍ଷ୍ମଣ ରକ୍ଷା କର
ମାୟାରେ ଡାକିଲା ରାମଚନ୍ଦ୍ର ଆକାର ।
ପର୍ଣ୍ଣକୁଟୀ ଭିତରେ ସୀତା ବସିଥିଲେ
ମାୟାର ଆରତ ନାଦ ଶ୍ରବଣେ ଶୁଣିଲେ ।
ରାମର ଆରତ ବାଣୀ ଶୁଣିଲୁ କର୍ଣ୍ଣରୁ
ଶୁଣିଲ ଜନକସୁତା ଡରିଲା ବହୁ ।
ଜାନକୀ ପଞ୍ଜର ହାଏ ଚମକିଲ ଶରୀର
ଢଳିଲେ ଭୂମିରେ ବହେ ନୟନରୁ ନୀର ।୨୧୫।
ବୋଇଲେ ଲକ୍ଷ୍ମଣ ଏତେ ରାମଙ୍କ ବଚନ
ରକ୍ଷ ରକ୍ଷ ଲକ୍ଷ୍ମଣ ଡାକନ୍ତି ଘନ ଘନ ।
କେଉଁ ଦୁର୍ବୁଦ୍ଧି ମୋର ଚଳି ଏତେ ଚର୍ମ
ରାମଙ୍କୁ ବେଷ୍ଟିଲି ଜନେ ହୋଇ ମଉଦ୍ଭମ ।

ଦେଖାଇ ପାତ୍ରତ ଅବା ବାଲ୍ମିକର ସତି
ଧର୍ମମୂର୍ତ୍ତି ଶ୍ରୀରାମଙ୍କୁ ଏମନ୍ତ ଦୁର୍ଗତି ।
ନିଶ୍ଚୟେ ଦେଖାଇବେ ସୀତା ଶୁଣ ଲକ୍ଷ୍ମଣ ଯେବେ
ରାଜ୍ୟଭ୍ରଷ୍ଟ କରାଇଲେ ପାବନ ଜନନୀ ।
ଅରଣ୍ୟକୁ ପେଷିଲେ ଜୀବନେ ନ ଭାଳିଲେ
କଥା ଯିବି କପଟ ତାଙ୍କୁ କିଛି ନ ବୋଇଲେ ।୨୨୮।
ମୁଁ ଏମନ୍ତ ରାମର ହୋଇଛି ଦୁଷ୍ଟ ନାରୀ
ଘୋର ବନେ ପେଷିଣ ଜନକସୁତା ମାରି ।
କି ବୋଲିବେ ଜଗତେ ତୁ ଶୁଣ ହେ ଲକ୍ଷ୍ମଣ
ସୀତା ସ୍ୱାର୍ଥବୁଦ୍ଧିରେ ରାମ ହରାଇଲେ ପ୍ରାଣ ।
ସାବଧ ବନ୍ଧୁ ଅପୟଶ ହୋଇବ ଉଦୟ
ଏପରି ଜଗତେ ମୋର ରହିବ ନିଶ୍ଚୟ ।
ଯାଅ ବେଗେ ଲକ୍ଷ୍ମଣ ସ୍ୱାମୀଙ୍କ ଯେଉଁଠାଇ
ଦେଖିଣ ଦାନବ ରଣେ କଲେଣି ନାଶ ।
ତାହାଙ୍କୁ ସହାୟେ ମାର୍ଗ ଅଛି ଦେଖି ଶୀଘ୍ର
ନୋହିଲେ ତେଜିବ ପ୍ରାଣ ଅଗ୍ନିରେ ପଶାଇ ।୨୨୯।
ଝଟ ଝଟ ଲକ୍ଷ୍ମଣ ତୁ କାଳମ୍ବ ନ କର
ଚାହିଁ ଚାହିଁ ଭୁଜୁଅଛି ଚେତନା ମୋହୋର ।
ଲକ୍ଷ୍ମଣ କହଇ ଶୁଣ ସାଧ୍ୱୀ ଉତ୍ତମ
ତୋହର ଭଳି ନାରକେ ଦୁଃଖାଇ ପଡ଼ଇ ରାମ ।
ଅରଣ୍ୟରେ ଯଦି ଶ୍ରୀରାମଙ୍କ ହିଁ ବୋଲେ
ଲକ୍ଷ୍ମଣ ଆଗର ଭଲ ବୋଲିବେ କି ମୋତେ ।
ସ୍ୱାମୀଙ୍କି ନ ଡର ହେତୁ ଜନକନନ୍ଦିନୀ
ଏହିକ୍ଷଣି ଆସିବେ ଜନକସୁତା ଯେଣେ ।
ରାମଙ୍କୁ ଅଶଙ୍କା ଯାହା ବିଶ୍ୱୁଛି ମନେ
ରାମଙ୍କୁ ମାରିବା ପାଇଁ ନାହିଁ ତିଭୁବନେ ।୨୩୦।

ସୀତାଙ୍କୁ ବୋଲନ୍ତି ହାନୁମନ୍ତ, ଶୁଣ କଥା ବନ୍ଧୁ
ବେଗ ହୋଇ ନ ଯାଅ ମୋହୋର ପ୍ରାଣ ବନ୍ଧୁ ।
ଦୁଷ୍ଟ ଚେଡ଼ୀମାନେ ସାହ୍ମା ଆଖି ଦେଖୁଛନ୍ତି
ପ୍ରତ୍ୟେକ ତ ଶୁଣିବେ ସମସ୍ତ ମନ୍ତ୍ରଣା ।
ସ୍ୱାମୀ ଅଛି ଲଙ୍ଘି ଯେ ତୋହମଙ୍କୁ ଘଡ଼ି ଦିନ
ଏକା ତୋତେ ଛାଡ଼ିଗଲେ ଅଥିର୍ ହୋଇବ ।
ଶୁଣ ହେ ସୀତାମ୍ମା ତୋତେ କହୁଛି ପ୍ରମାଣ
ତ୍ରିଭୁବନେ ଅଜସ୍ର ରାମଙ୍କୁ ନଟେଲ ଜାଣ ।
ସୀତାମ୍ମା ବୋଇଲେ ଏତେ ଜାଣୁ ତୁ ହୃଦୟର
ନାଗଘାତ ପଡ଼ୁଅଛି ହୃଦରେ ମୋହୋର ।
ତୁ ଯେବେ ନ ଯାଉ ରାମ ଖୋଜିବା କାମରେ
ନିଶ୍ଚୟ ଅଛନ୍ତି ସେଥି ବାଧ ଦଇ ମୋତେ । ୭୫୩
ଲକ୍ଷ୍ମଣ କହିଲ ଦେବୀ, ଶୁଣ ମୋ ଉକ୍ତିର
ମୃଗ ମାରି ଛାଡ଼ିତେ ଆସିବେ ରଘୁବୀର ।
ଧଇର୍ଯ୍ୟ ଧର ହେ ସତି ! ନୋହିବାଃ ବଚନ
ହୋଇଅଛି ରଘୁମଣି ଆସିବାର ବେଳ ।
ସୀତାମ୍ମା ବୋଇଲେ ଶୁଣ ସୁମିତ୍ରାକୁମର
ତୁ ତ ଜାଣୁ ଦଇତେଙ୍କ ବୃଣୀର ଜଞ୍ଜର !
ସାବଧ ହଂସାରେ ରାମ ବାଣଙ୍କୁ ଦେଖିଲେ
କାହିଁତେ ଦୟା ମୁଁ ଯେବା ମନେ ନ ଧରିଲେ ।
ତୁ ତ ବୁଝି ଶ୍ରୀରାମଙ୍କ ପାଖେ ନ ମୋଦର
ତୁ ତେମନ୍ତେ ଶୁଣି ଚକ୍ଷୁ ଦବନ୍ତୁ ଭାଙ୍ଗର ।
ବନ୍ଧୁ କି ଶ୍ରୀରାମ ସଂହାରେ ହେବ ହୋଇବେ
ସୀତାଙ୍କୁ ଯେଉଁଣ ମୁଁ ରହିବି ନ କଣ୍ଠରେ ।
ମୋତେ ଛେଡ଼ି ପୁଣ୍ଡରେ ଯିବୁ ବନ ଧାପ
ଏମନ୍ତ ମନରେ ତୁ କି ବନ୍ଧୁ ବାଞ୍ଛୁଛ ?

ସଂଗ୍ରାମେ ଶ୍ରୀରାମ ଯେବେ ହୋଇବେ ନିଧନ
ତଥି ନିମନ୍ତେ କିମ୍ପା ରଖିବି ଜୀବନ ।
ଯେବେ ତୋର ଯାତ ଚିନ୍ତା ନାହିଁ ମା ସମରେ
ରାମଙ୍କୁ ଯିଣିବା ପାଇଁ ଯାଅ ଧାଇଁବାରେ ।୨୪୫।
ଲକ୍ଷ୍ମଣ ବୋଲନ୍ତି ସୀତା ଏମନ୍ତ ନ କହ
କେନେ ଦୋଷେ ପାପ ସ୍ୱର୍ଗ ଦ୍ୱାରେ ନ ବାନ୍ଧ ।
କଉଶଲ୍ୟା କଇକେୟୀ ସୁମିତ୍ରା ଏ ତିନି
ଯେମନ୍ତ ଜନନୀ ତୁ ତେସ ଜନକ ନନ୍ଦିନୀ ।
ତୁ ଜମା ଦୂଷଣ ବାଣୀ କହୁ ମୋ ସୀତାୟ
ମନ ବଚନରେ ମୋର ନାହିଁ କିଛି ମାୟା ।
ମାୟାରେ ରାକ୍ଷସମାନେ ନାନା ରୂପ ହୋନ୍ତି
ଶବଧ ତୁନାରେ ମାୟା ବଚନ କହନ୍ତି ।
ମୋତେ ଏଡ଼ା ନେବା ପାଇଁ ରାକ୍ଷସଙ୍କ ମାୟା
ଏକଥା ଜମା କହୁ ନ ବୋଲୁ ସୀତାୟ ।୨୪୬।
ବରୁଣ କୁବେର ଯମ ପବନ ଅନଳ
ଆଦିତ୍ୟ ଚନ୍ଦ୍ରମା କିବା ହର୍ଷ ଅଖଣ୍ଡଳ ।
ଶ୍ରୀରାମ ଦୃଷ୍ଟିକୁ କେହୁ ନ ପାରନ୍ତି ରହି
ଏକଥା ଜାଣିଲ ଅନ୍ୟା ଯିବ ବାଉଦେଶ ।
ସୁନାୟ ରୁହେ ସୀତା ତୋତେ ଛାଡ଼ିବାକୁ ପଲେ
ତାଙ୍କୁ ବିହୁଅନ୍ତି ତୋତେ ନ ଦେଖିବୁ ଭଲେ ।
ଲକ୍ଷ୍ମଣ ବଚନ ଶୁଣି ବୋଲନ୍ତି ସୀତାୟେ
କାହିଁରେ ମଟ୍ଟୁର କହୁ ଅନ୍ତରେ ତୋ ମାୟା ।
ରାମଙ୍କୁ ଚୋହିର ଦାନ୍ତା ନାହିଁ କାବାଡ଼େ
ନିଶ୍ଚୟ ଜାଣିଲି ପାପ ଆଶା ତୋର ମୋତେ ।୨୪୭।
ଲକ୍ଷ୍ମଣ ବୋଇଲେ ଧିକ ଜନ୍ମ ମୋ ଦୁଇଜନର
ଦୁକ୍ଷଣସ୍ଥାନେ ଦୋଷ ଦେଖିଲ ମୋହର ।

ନ ଗଲେ କ ସୀତାସ୍ୱା କହୁଛ ଦୁଷ୍ଟ ବାଣୀ
ଗଲେ ଦୋଷ ବହିବେ ଠାକୁର ରଘୁମଣି ।
ସାକ୍ଷୀ ହୋଇ ଥାଅ ତୁମ୍ଭେ ବନର ଦେବତା
ଏମନ୍ତ ଦୁର୍ଲକ୍ଷ ବାଣୀ କହୁଅଛି ସୀତା ।
ନିଷ୍ଠୁର ବଚନ ଶୁଣି ରହିବି କେମନ୍ତେ
ଦୋଷ ଦଣ୍ଡ ଶୁଦ୍ଧ ଅଛି ନାଶୁ ଏତେ ମୋତେ ।
ଦଶ ବଚନରେ ମୋର ନାହିଁ କିଛି ମାୟା
ଦାରୁଣ ବଚନ ମୋତେ କହୁଛ ସୀତାମା ।
ଏଣୁ ବନପାଳେ ତୁମ୍ଭେ ହୋଇଥାଅ ସାକ୍ଷୀ
ଅପରାଧ ମୋହର ନାହିଁ ଶାଳକ୍ଷି ଉପେକ୍ଷି । ୧୭୦ ।
ଜନକନନ୍ଦିନୀ ସୀତା କହୁଛି ବଚନ
ନିଷ୍ଠୁର ବଚନ କଥା ଶୁଣିବ ମୁଁ କଷ୍ଟ ।
ଏତେକ ବୋଲି ଲକ୍ଷ୍ମଣ ଜଣଙ୍କୁ ନତି ଶିର
ପଦ ଧୂଳି ସ୍ୱାମୀରେ ବାନ୍ଧିଲେ ଶିର ଘାର ।
କଦାଚିତେ ଜାନକୀଙ୍କୁ ବାହାରେ ନେଉଥିବୁ
ଏ ଗାର ନ ଡେଇଁ ସୁଦ୍ଧ ଉପଦେଶ ଥିବୁ ।
ତୋହର ବଚନ ମୋତେ ଶୁଭ ନ ଲାଗଇ
ଯାଉଅଛି ଏଥା ତୋତେ ଅବଶ୍ୟ କହଇ ।
ଏତେ କହି ଲକ୍ଷ୍ମଣ ଛାଡ଼ିଲେ ଚେଗଲା
ବନମ ସିଂହର ପ୍ରାୟ ଅବଶ୍ୟ ପଶିଲ୍ୟ । ୧୭୫ ।
ରାମ ପଦ୍ମ ଚରଣ ଧ୍ୟାନ ଦେଇଁ ମାର୍ଗେ
ଦେଖୁ ମାର୍ଗେ ଲକ୍ଷ୍ମଣ ପଶିଲେ ବନସ୍ତେ ।
ସେହିଠାରେ ସ୍ୱର୍ଣ୍ଣ ଅଲ୍ପର ହୋଇଥିଲା
ଜାଣିକ ଲକ୍ଷ୍ମଣ ସୀତା ଡେକିବ ଗଲା ।
ଏହି ଭାବୁକର କଡେ ରଥ ଚୁହାଇଲା
ଲକ୍ଷପତି ଯାଚକି ହୋଇଣ ଗଲା ।

ତପସ୍ୱୀ ସ୍ୱରୂପ ତହିଁ ହୋଇଲା ରାବଣ
ଶିରେ ଜଟାଭାର ଅଙ୍ଗେ ବଲ୍କଳଭୂଷଣ ।
ଲଙ୍କାପତି ଧରିଅଛି କରପଲ୍ଲବରେ
ପ୍ରବେଶ ହୋଇଲା ପର୍ଣ୍ଣବାସ କୁଟୀରେ ।୨୭୭।
ତାହାଙ୍କୁ ରାବଣ ରାମ ଲକ୍ଷ୍ମଣ ନାମରେ
ଡାକିଲା ଅତିଥି ମୁଁ ଯେ ଦୁଆର ମଝିରେ ।
ଭିକ୍ଷା କି ମାଗିବ ମୁଁ ବସିବ ଭୂମି ପାଶେ
ଯଜ୍ଞ ଦରଶନ କଲ ସୀତାଙ୍କ ଉଦ୍ଦେଶେ ।
ବୋଲଇ ନ ଶୁଣ ବାମା ମୋହୋର ବଚନ
ଅତିଥି ଫେରାଇ କି ବା ନାହିଁ ତୁମ୍ଭ ମନ ?
ବିମୁଖ ହୋଇ ଯେବେ ଯାଉଛି ଅତିଥି
ନିଶ୍ଚୟ ଲଭିବ ତୁମ୍ଭେ ଏଥିର ଦୁର୍ଗତି ।
ଜନକନନ୍ଦିନୀ ତାହା ଶୁଣିଲେ ଶ୍ରବଣେ
ଭାବିଲେ ଅତିଥି ସେବା ମୋହୋର ପ୍ରାଣେ ।୨୭୯।
ସ୍ୱାମୀ ନାମ ଧରି ଯେ ଡାକିଲା ଉଚ୍ଚରେ
ଦୁର୍ଗତି ପାଇବ ମୁଁ ବୋଲିଲା ବଚନରେ ।
ବିମୁଖ ହୋଇଣ ଅତିଥି ଯେବେ ଯିବ
ଦୁଷ୍କୃତ ସ୍ୱାମୀଙ୍କୁ ଦେଇ ସୁକୃତ ହରିବ ।
ଏତେ ବୋଲି ମନର ସନ୍ଦେହ ଅଳ୍ପ ହୋଇ
ରାବଣକୁ ଡାକି କହନ୍ତି ବାଇଦେହୀ ।
ମନରେ ମୋହୋର ନାହିଁ ଶ୍ରୀରାମ ଲକ୍ଷ୍ମଣ
ମୃଗଶିକାରେ ଯାଇଛନ୍ତି ବେନି ଜଣ ।
ଏ ତପସ୍ୱୀବେଶେ କୁଟୀରେ ବସିଥାଅ
ଅଳ୍ପବେଳେ ଆସିବେ ସମ୍ମୁଖ ନ ଥାଉ ।୨୮୦।
ସମସ୍ତ ବାଟରେ ରାମ ଥିବେ ତ ତୋଷ
ପୂଜା ପାଇ ଯାଅ ଯିବ ହୋଇବ ସନ୍ତୋଷ ।

ସ୍ୱଜନ ତେଜିଲ ଶ୍ରଦ୍ଧା କରୁଅଛ ସୀତା
ଜନମେ ଅସିବେ ସଶ ମୃଗ ସହେଲ ଲେଖା ।
ଲକ୍ଷ୍ମୀ ମୋତେ ଏଥି ସନ୍ଧି । କରିବ ଅସ୍ୱାର
ସନ୍ତୋଷ ହୋଇବ ଧର୍ମ ହୋଇବ ଲୁପ୍ତର ।
ରକ୍ଷକ ଦେଖାଳ କରି ନଦୀ ତଟେ ଥିବ
ଅଇଲେ ରାମ ଲକ୍ଷ୍ମଣ ବର୍ଣ୍ଣନ କରିବ ।
ସୀତାସ୍ୱା ଚୋରିଲେ ରାମ ନାହିଁ ଏ ମନ୍ଦିରେ
ତୋମରେ ମୁଁ ରକ୍ଷା ଦେବ ଲୁପ୍ତ ଗୁପ୍ତରେ ।୨୮୫।
ଶୁଣି ଲକ୍ଷ୍ମଣ ତୋପେ ହୋଇଲ ପ୍ରଚଣ୍ଡ
ଶାପ ଦେଲ ବୋଲି ଦୋଷେ କଷ୍ଟକଲ ଦଣ୍ଡ ।
ଲକ୍ଷ୍ମଣ ସମ୍ମୁଖେ ରାମ କରିବାଇଁ ଲକ୍ଷ୍ୟ
ନ ଜାଣୁ ଏଥି ପୂଜା କରୁଅଛୁ ସେବ ।
ଶୁଣି ସୀତା କମ୍ପି ଉତ୍ସ ପଦ୍ମ କାଷି
ଅରଣ୍ୟକୁ ଯମାଇଁ ପେଷିଲ ସ୍ୱପାଣି ।
ରାମ ପୁଚ୍ଛେ ନାହିଁ ମୁଁ ତୋମରେ ରକ୍ଷା ଦେବ
ତୋମରେ ମନ୍ଦିର ଦେଖି ବାହାର ହୋଇବ ।
କି ବୁଦ୍ଧି କରିବ ମୋତେ ପାଇବ କ୍ଷଣ
ଦେଖ ହୋଇ ନଇଲେ ତ ଶ୍ରୀରାମ ଲକ୍ଷ୍ମଣ ।୨୯୦।
ସୀତାସ୍ୱା ବଳନ୍ତୁ ଦେଖି କହଇ ସ୍ୱଜନ
ଲଷ୍ଟା ଏଥି ସ୍ତ୍ରୀଧର୍ମ ନୋହୁ ଅକାରଣ ।
ସୀତାସ୍ୱା ବୋଇଲେ ମୁଁ ଯେ ଝିଅର ମନ୍ଦିରେ
ଏଥି ପୂଜାର ଧର୍ମ ଶୁଣିଛି ଶାସ୍ତ୍ରରେ ।
ସ୍ତ୍ରୀଙ୍କର ମହାଧର୍ମ ଏଥିର ସେବା
ଏଥି କେବେହେଁ ପରଙ୍କ ମୁଖ ନ କରିବା ।
ଏଥିର ପରଙ୍କ ମୁଖ ଜାଣିଲେ ଶ୍ରୀରାମ
କେ ଲେକେ ନାଶିଲୁ ସୀତା ସ୍ତ୍ରୀଙ୍କର ଧର୍ମ ।

ତୋରି ଭର-ଚିନ୍ତାରେ ଫଳମୂଳ ତେଜି
ରାମ୍ଭାର ହୋଇଥିଲେ ଯାନ୍ତୁ ଜନକଜନନୀ ।୨୯୫।
ଦଶମାଥ ବସ୍ତୁରଖ ବେଶିଣ ସୀତାଙ୍କୁ
ଦେବେତବାଲେ ବଧାତା ନିର୍ମାଣ କଲ୍ଲ ଏଥି ।
ଅରଣ୍ୟବାସଙ୍କୁ ଚୋଷ୍ୟ ନୃହୁଲ ତନ୍ତୁଶ୍ରୀ
ଲଙ୍କା ଭୁବନକୁ ଶବ୍ଦେ ହୋଇବ ଦାବେଣୀ ।
ଯେମନ୍ତ ଭୁଚନ ଲଙ୍କା ଏ ତେମନ୍ତ ଦାସ
ତର୍ତ୍ତିଙ୍କ ବଧାତା ଘଟିଅଛ ଯହୁ ଦଣ୍ଡ ।
ଦହେ ସ୍ୱଜା ଚୋବନ ଶୁଣ ହେ ଲଙ୍କପତ
ଗ୍ରାସେଣି ଦାଶ ଦଲ୍ଲୁ ପଲ୍ ଲଙ୍କାର ସମସ୍ତ ।
ଯେଉଁ ବୁଦ୍ଧି ହୃଦରେ ତୋ ହୋଇଲା ଉଦୟ
ଲଙ୍କାକୁ ହୋଇଲା ଅଛି ଦାଳଦତ ଗ୍ରାସୁ ।୩୦୦।
ବିଭୀଷଣ ହୋଇବ ଲଙ୍କାରେ ଅଧିକାରୀ
ସ୍ୱପୋଷ ସଙ୍ଗରେ ନାଶବିଳୁ ଦଶଦିଗ ।୩୦୧।

---

ଲିଖାନେଇ ଦେଲେ ତୋପା ସ୍ୱବଣର ଭରେ
ମୁଣ୍ଡ୍ୟ ଅଛି ଘାଷିଲ୍ଲ ସ୍ୱବଣ ମସ୍ତକରେ ।
ସେଉଁ ଲିପି ଦବଣକୁ ସୀତା ଦେଲେ ନେଇ
ସ୍ୱବଣ ନାଶକ ସ୍ତୁତି ଅଛନ୍ତି ସେଥି ।
ଲିପି ପତ୍ରେ ଦେଲେ ନେଇ ଶ୍ରୀରାମର ନାଶ
ସୀତାଙ୍କର ଭୂଜ ଯେ ଥିଲା ଦାଶରଥି ।
ଶ୍ରୀରାମ ଗୁମଣ୍ଡ ଦର ଠାଣ୍ଡେ ସୀତାଙ୍କୁ
ବୋଲନ୍ତି ସୃଷ୍ଟିକ ଯତ ଦେହେ ବୋଉ ମସ୍ତ ।
ଛଡ଼ ଘର ସୃଷ୍ଟିକ ଛି ଛୁଉଁ ଦାହିଁ ଫାଇଁ
ଗ୍ରାମ ବାଣ ଛଡାଏ ନ ଜାଣୁ କି ରେ ଭାଇ ? ଟି ।
ଛତ ରେ ସୃଷ୍ଟିକ ଥିଦ ଦେହୁ ରେ ସାକନ
ଭୁମନିଷ ଯତ ଜାଶେ ହୋଇଛନ୍ତୁ ନିଧନ ।

ଯତିବେଶ ସେକ୍ଷଣି ଛାଡ଼ିଲା ରାବଣ
ବିଂଶଭୁଜ ଦଶମାଥ କଲା ପ୍ରକାଶ ।
ଶରୀର ବଢ଼ିଲା ଯେସନ୍ତେ ଗିରି ନୀଳାଞ୍ଜନ
ଶଣୁ ଉଦ୍ଧତ ବହ୍ନି ଘୋଡ଼ଣ୍ଡ ଲୋଚନ ।
ବିଂଶଭୁଜେ ସୀତାଙ୍କୁ ଧରିଲା ରାବଣ
ବେଗେ ଉଠିନେଲା ଯେସନ୍ତି ଗଗନେ ଗରୁଡ଼ ।
ସୀତାଙ୍କ ଡାକନ୍ତି ହାହା ହାହା ରେ ଦୟାଳ
ନିଶ୍ଚୟେ ମାୟାବୀ ରେ ପୂରିଲା ତୋର କାଳ । ୧୦ ।
ଉଚ୍ଚେ ଡାକ ଦିଅନ୍ତି ରାମ ଲକ୍ଷ୍ମଣ ସୁମରି
ଦେଖେ ଏଥି ରାକ୍ଷସ ନେଉଛି ମୋତେ ଧରି ।
ରାବଣ ବୋଲଇ ସୀତା କି ଡାକିବ ରାମ
ବିଂଶଭୁଜେ ବାନ୍ଧଇ (ସ୍ତ୍ରୀ) ରାବଣ ମୋର ନାମ ।
ଦଶରଥସୁତେଲେ ରଣେ ନ ପାରନ୍ତି ରହି
କି କରିବ ଶ୍ରୀରାମ ମାନବ ଦେହୁ ବହି ।
ଆପଣା ରାଜ୍ୟରେ ରାଜା ହୋଇ ନ ପାରିଲା
ରାଜ୍ୟଭ୍ରଷ୍ଟ ହୋଇ ଆସି ବନେ ବାସ କଲା ।
କି ଏବା ରକ୍ଷିବ, ଘନ ହୋଇବ ଭାଣ୍ଡାର
ମୋତେ ରଣେ ଜିଣି କି ସେ କରିବ ଉଦ୍ଧାର ? ୧୫ ।
ସୀତାଙ୍କ ବୋଇଲେ ରେ ରାବଣ ପାପୀ ନାଶ
ଦଣ୍ଡରେ ଝମ୍ପିଲୁ ଆସି କାଳଦଣ୍ଡ ଫାଶ ।
ଝୁଣ୍ଟି ନାଶ ଯିବୁ ତୋର ବଂଶ ନାଶଯିବ
ସିଂହର ଘରଣୀ କାହିଁ ଶୃଗାଳ ହରିବ ।
ଲଙ୍କାହିଁ ବସିଛେ ଯମପଥ ହିଁ ବସିଛେ
ଯହିଁ ନାଶଯିବ ସେ ରାବଣ ରାମବାଣେ ।
ଲଙ୍କାକୁ ଯିବାକୁ ବେଗେ ବଳାଇଲା ମତି
ଦକ୍ଷିଣକୁ ଯାତ୍ରା ହୋଇଲା ଲଙ୍କାପତି ।

ସୀତାଙ୍କୁ ରକ୍ଷପତି ଘେନ ଯିବାବେଳେ
ରାମ ଲକ୍ଷ୍ମଣଙ୍କୁ ସୀତା ଡାକନ୍ତି ଉଚ୍ଚରେ ।୨୦।
ଅଛ କେଣେ ଶ୍ରୀରାମ ମୋହର ପ୍ରାଣବନ୍ଧୁ
ସୂର୍ଯ୍ୟବଂଶ କୁମୁଦ-ବନର ପୂର୍ଣ୍ଣଇନ୍ଦୁ ।
ରାବଣ ରାକ୍ଷସ ମତେ ନେଉଅଛି ଧରି
ସଂକଟରୁ ଉଦ୍ଧର ରାବଣ ତେଜେ ମାରି ।
ହେ ଅଛ ଅରଣ୍ୟବାସୀ ଶୁଣ ମୋର ବାଣୀ
ରାବଣ ନେଉଛି ରଘୁନାଥର ଘରଣୀ ।
ଦଶରଥ କୁଳବଧୂ ନେଉଛି ରାବଣ
ରାମଙ୍କୁ ଜାଣିବା କହ ଭାଗ୍ୟ ମୋର ଶୁଣ ।
ଜଟାୟୁ ପକ୍ଷୀବର ଥିଲା ଅରଣ୍ୟରେ
ସୀତାଙ୍କ କାରୁଣ୍ୟ ବାଣୀ ଶୁଣିଲା କର୍ଣ୍ଣରେ । ୨୧ ।
ବୋଲଇ ହେ ଡାକଇ ଶ୍ରୀରାମ ନାମ ଧରି
କେ ବୋଲଇ ରାବଣ ନେଉଛି ମୋତେ ଧରି ।
ଏତେ କହି ପଥେ ଆସି ହୋଇଲା ପ୍ରବେଶ
ଦେଖିଲା ଆପଣ ତେଜେ ରାବଣ ରାକ୍ଷସ ।
ରଥରେ ବସାଇଅଛି ଜନକକୁମାରୀ
ରାମ ଲକ୍ଷ୍ମଣଙ୍କୁ ଡାକୁଛନ୍ତି ଉଚ୍ଚ ସ୍ୱର ।
ଜଟାୟୁ କହଇ ହେ ! ରାବଣ ରାକ୍ଷସ
କି କାମରେ ଅର୍ଦ୍ଧ ଅଛ ଏମନ୍ତ ଅବଶ ?
ଛାଡ଼ ଛାଡ଼ ସୀତାଙ୍କୁ ନ ପାଅ ଅଯଶ
ପକ୍ଷୀବର ବଚନ ଯେ ଶୁଣିଣ ରାକ୍ଷସ ।୨୨।
ରାବଣ ବୋଲଇ କେତେ ପଥ ଛାଡ଼ିଦିଅ
ମୋହର ବାଣରେ ପକ୍ଷୀ ତୁ ନାଶ ନ ଯାଅ ।
ଜଟାୟୁ ବୋଲଇ ତୁ ଶୁଣ ହୋ ରାବଣ
ନେଉଛୁ ଶ୍ରୀରାମ ନାରୀ କେବଣ କାରଣ ।

ମଣିବ ଅଟନ୍ତି ମୋର ଦାଶରଥି ରାଜା
ତାହାଙ୍କର ବଧୂ ସୀତା ଜନକତନୁଜା ।
ମୋହର ଦେଖନ୍ତେ ତୁ ଯେମନ୍ତେ ନେବୁ ହରି
ଯେମନ୍ତେ ସହିବି ମୁଁ ଶରୀରେ ପ୍ରାଣ ଧରି ।
ଜଟାୟୁର ବୋଲ ଶୁଣି କୋପିତ ରାବଣ
ପକ୍ଷୀବର ଉପରେ ପ୍ରହାରିଲା ବାଣ ଦଶ ।
ତେଣାରେ ଝାଡ଼ିଲା ପକ୍ଷୀ ଲଙ୍କପତି-ଶର
ଚରଣ ପ୍ରହାରି ନଖ ରାବଣ ହୃଦର ।
ପୁଣି କୋପେ ବାଣ ପ୍ରହାରିଲା ମହାବଳ
ତେଣାରେ ପକ୍ଷୀ ନାଶିତ ଝାଡ଼ିଲା ସକଳ ।
ପୁଣି ଜଟାୟୁ ଯାଇଁ ବସିଲା ରଥରେ
ନଖ ଥଣ୍ଟ ପ୍ରହାରିଲା ରାବଣ ହୃଦରେ ।
ଖୁରୁଧାରେ ଯେମନ୍ତେ ଚର୍ମକୁ ଚିରିବାର
ରାବଣ ଶରୀରରେ ରୁଧିର ବହିଲା ।
ପୁଣି ଲଙ୍କପତି କୋପେ ବାଣ ବୃଷ୍ଟି କଲା
ଜଟାୟୁ ପକ୍ଷୀଘାତେ ସବୁ ଉଡ଼ିଗଲା ।୪୦।
ଜଟାୟୁ ଉଡ଼ି ରଥ ଉପରେ ବସିଲା
ନଖ ଥଣ୍ଟ ଘାତେ ବୃଦ୍ଧ ଅଶ୍ୱ ନାଶ କଲା ।
ବୃଦ୍ଧ ଅଶ୍ୱ ନାଶ କରି ଆକାଶେ ଉଡ଼ିଲା
ଧାରଣ ବଦନ ଯୁଝି ଏମନ୍ତ ବୋଇଲା ।
ଛଳ ଛଦ୍ମ ରାବଣ ତୁ ଜାନକୀକୁମାରୀ
ନିଶ୍ଚୟେ ଅଧମ ନ ହର ନାରୀ ଚୋର ।
ଯେବେ ନ ଛାଡ଼ିବୁ ସୀତା ମୋହୋର ବଚନ
ଲଙ୍କାକୁ କେମନ୍ତେ ଅଛି ଯିବୁ ତୁ ଘେନି ।
ରାବଣ ବୋଇଲା ପକ୍ଷୀ ଶଠ ଛଡ଼ାଅ
ରାମଙ୍କ କାମନା ତୋର ଏତେକ ଯେତନ ।୪୫।

ମୋତେ ମୁକ୍ତ କରନ୍ତୁ ଏବେ ଶ୍ରୀରାମ ଲକ୍ଷ୍ମଣ
ଛି ତମାନ୍ କାହିଁ ହେଉଛ ଅକାରଣ ।
ଜଟାସୁର ବୋଇଲେ ଅଧର୍ମ କର୍ମା କରୁ
ରାମ ନାଶ ନେବ ଗଲେ ଏମନ୍ତ କହୁଛ ।
ଧର୍ମ ଥିଲା ପ୍ରାଣୀଙ୍କର ସଖା ପୂର୍ବେ ଏଣ
ଅଧର୍ମ ହୋଇଲେ ପ୍ରାଣୀ କରନ୍ତେ ପ୍ରବେଶ ।
ଜଟାସୁର ବାଣୀ ଏହାଁ ଶୁଣିଲା ସ୍ୱକଣ
ପୁଣି ଦେଖେ ବାଣକୁ ପ୍ରହାରିଲା ବାଣ ।
ଦୁଇଖଣ୍ଡ ଚରଣ ଦେଖା ଉପରେ ପଡ଼ିଲା
ଜଟାସୁର ସର୍ବ ଅଙ୍ଗ କ୍ଷୁବ୍ଧ ଗଲା । ୫୦ ।
ଲକ୍ଷ୍ମଣରେ ମାରିଲେ ସେତେକ୍ଷେ ଏକାଗର ଦେଖ
ଜଟାସୁର ଲଙ୍ଘପଣ୍ଡ ନିଧନେ ପ୍ରବେଶ ।
ମୁଣ୍ଡିଏ ଦେଖଣ୍ଡାଇ ଦୁଇବାହୁରେ ମାରି
ଅଜାଣେ ଉଠିଲା ପୁଣି ପଛେନ ଯନ୍ତ୍ରି ।
ଅଜାଣକୁ ସ୍ୱକଣ ପେଷିଲା ଘୋର ବାଣ
ଦେଖା ଗାଏ ସମସ୍ତ ନାଶିଲେ ସେହୁକ୍ଷଣ ।
ଅଜାଣୁଁ ପଡ଼ିଲେ ଦେହିଁ ଲଥର ଉପରେ
ସ୍ତମ୍ଭିଣ ଭୂବନ୍ ଉଠ ହୋଇଗଲା ଦୂରେ ।
ସେତେବେଳେ ରଥ ଭଗ୍ନ ହୋଇଲା ତାହାର
ପାଦଘଣ୍ଟି ହୋଇ କଲା ଯୁଦ୍ଧଘୋର ସମର । ୫୬ ।
ଜଟାସୁର ସ୍ୱକଣର ସଂଗ୍ରାମ ସମସ୍ତେ
ଥିର ଥିର ହୋଇ ଯୀଡ଼ା ପଡ଼ିଲେ ଭୂତଳେ ।
ଏହା ତଭୁବର ତାଙ୍କ କ୍ଷୁଣିଲା ଶୀତଳ
ଜଳକୀ ସନ୍ଧିବ ନାହିଁ କର୍ମ ଅଭ୍ର ଦାସୀ ।
ନିପୁଣକୁ ମାର ପ୍ରବୃତ୍ତି କରନ୍ତେରେ
ରାମ ତ ନଭରେ ଦୋଷ ଯାଇ ମନରେ ।

ଜଟାୟୁ ଓ ରାବଣର ଭୁଜସହ ସମର
ଚଞ୍ଚୁନଖ ଶସ୍ତ୍ରେ ଯୁଦ୍ଧ ଭୟଙ୍କର ।
ପକ୍ଷଘାତେ ଧକ୍କା ତାର ପକ୍ଷଘାତେ ଶର
ଅସଂଖ୍ୟ ପେଷିଲା ବାଣ ପକ୍ଷୀର ଉପର ।୨୦।
ରାବଣର ବାଣ ସବୁ ପଡ଼ିଲା ଖସିରେ
ଧାଇଁ ପକ୍ଷୀ ବସିଲା ରାବଣ ମସ୍ତକରେ ।
ଥା ଦେଲା ଚକ୍ଷୁରେ ସେ ମୁକୁଟ ତାର ଝୁଣ୍ଟି
ଭୂମିପରେ ପଡ଼ିବାର ଅହଙ୍କାର ଠାଣି ।
ହେଲା ମୁକୁଳିତ କେଶ ସେନକେଶ ଥାଏ
ଅନ୍ଧାରେ ବଳଭୂ ଦୁଷ୍ଟ ସର୍ପ ଦେଖାଯାଏ ।
ଶୁଣି ପକ୍ଷ ଶର ଧନୁ ଧାଇଁଲା ରାବଣ
ଜଟାୟୁ ହୃଦରେ ପ୍ରହାର କଲା ବାଣ ।
ବାଣଘାତେ ଘୂର୍ଣ୍ଣିତ ହୋଇଲେ ପକ୍ଷିବର
ନମିଷେ ଅଚେତ ନାହିଁ ହୋଇଲା ଶରୀର ।୨୫।
ସହଜେ ଚେତନା ପକ୍ଷୀ ପାଇଲାକ ସଙ୍ଗେ
ରାବଣ ଉପରକୁ ଧାଇଁଲା ପୁଣି ବେଗେ ।
ଶକେଶିଶ ପକ୍ଷ ଦ୍ୱାର ଦେଖାଘାତେ ହେଲେ
ରାବଣ ହସ୍ତରୁ ଖଡ୍ଗ ପଡ଼ିଲା ଭୂମିରେ ।
ଜଟାୟୁ ପକ୍ଷୀ ସେ ଅଚେତ କାଳ ବୁଝ
ରାବଣର ସଙ୍ଗେ କଲାକ ଘୋର ଯୁଦ୍ଧ ।
ଥିଲା ତାର ଶରଣ ସଂଗ୍ରାମର ଶ୍ରମେ
ରାବଣ ଖଡ୍ଗ ଘେନ ଧାଇଁଲାକ ବେଗେ ।
ଦୁଇ ଡେଣା ଛେଦିଲା ସେ ଖଡ୍ଗର ଘାଏ
ଅଚେତ ରହିଲା ପକ୍ଷୀ ମୃତ୍ୟୁ ତୁଲ୍ୟ ଥାଏ । ୩୦ ।
ପକ୍ଷୀଙ୍କ ସଂଗ୍ରାମେ ମାତ୍ର କହୁଥିଲା ମନେ
ସୀତା ତ ଏଠାରେ ନାହିଁ ପଳିଲା କି ବନେ ?

ଲେଉଟାଇ ରାବଣ ଦେଖିଲା ଦୂର ପୂରେ
ଅଶ୍ୱେ ଲକ୍ଷ୍ମଣଙ୍କ ସଙ୍ଗ ରଘୁବର ଚଳେ ।
ସ୍ୱଜଣ ଧରିଲା ଯାଇଁ ସୀତାଙ୍କୁ-ବାସରେ
ଲୁଚିଲେ ବାହୁକୁ ବୋଲି ବକ୍ଷକୁ କି ମନେ ?
ଓଟାରନ୍ତେ ଭଲୁକରି ଧରିଲେ ସୀତାଙ୍କୁ
ବେଗରେ ବେଗ ଧରିଲା ଦେଖ ସ୍ୱଶୃଙ୍ଖଳ କାଙ୍କ୍ଷା ।
ଆକଷି ଉଠାଇ ଅଣି ବସାଇ ବାକ୍ଷରେ
ସୁଦୀର୍ଘ ଲମ୍ଫ ରାବଣ ଉଡ଼ିଲା ଆକାଶରେ ।୨୫।
ବାକ୍ଷରେ ବସାଇଛି ସୀତାଙ୍କୁ ମହାରଥୀ
ଆକାଶରେ ଗମନ୍ତ ରାବଣ ଲଙ୍କାପତି ।
କହେ ସୀତା ରୋଦନ୍ତି ରାବଣ ଶତ୍ରୁ ଯାଉ
ଅନ୍ତର୍ଯ୍ୟାମୀଙ୍କ-ଚରଣ ଛଡ଼େଇଦେ ନ ଥାଉ ।

---

ବାହୁରେ ବସାଇଛି ସୀତାଙ୍କୁ ମହାରଥୀ
ଆକାଶରେ ଗମନ୍ତି ରାବଣ ଲଙ୍କାପତି ।
ବନେବନେ ଖୋଜିବାର ଲାଗିଛି ରାଜେଶ
ସୀତାଙ୍କୁ ଚାହାନ୍ତି ରଣ ଶ୍ରୀରାମ ଲକ୍ଷ୍ମଣ ।
ଆମଜୁଳି ସ୍ୱଜନ ସମସ୍ତ ଶୂନ୍ୟମାର୍ଗେ
ହୃଦେଶ ହୋଇବ ଖର୍ଯ୍ୟନ୍ତ୍ର ପେଖି ଦ୍ୱାରେ ।
ଜାମ୍ବବ ସୁଷେଣ ସଙ୍ଗେ ହନୁମାନ ସାର
ଦେଖ ପର୍ବତରେ ରହିଛନ୍ତି ସୁଗ୍ରୀବର ।
ଶ୍ରବଣେ ଶୁଣିଲା ଅଣି ସୀତାଙ୍କର ବାଣୀ
ଚାହଁ ଶ୍ରୀରାମ ରଣୀଭବ ରୂପଧାରୀ । ୫ ।
ଶବରକୁ ବାଣରେ ଉଠିଲେ ଧାଡ଼ିଜାରେ
ଦେଖିଲେ ରାବଣ ଯାଉଅଛି ଆକାଶରେ ।
ଏଣେ ଏବ ସ୍ୱରଙ୍ଗ୍ୟ ରାବଣ ଲୁଚାଇଲ
ଉଡ଼ିଲ ପଥିଳ ଖାଇ ଛିଡ଼ାଇ ବେଳରେ ।

ହନୁମନ୍ତ ରାମ ରାମ ଲକ୍ଷ୍ମଣ ଲକ୍ଷ୍ମଣ
ମୋତେ ଦୁଃଖ ନେଉଅଛି ଲଙ୍କାର ରାବଣ ।
ଶବଦକୁ କାନରେ ଶୁଣାଇଛନ୍ତି ଜନେ
ବୋଲନ୍ତି ହାହାଇ ଏ ତ ପରମ ଅଦ୍ଭୁତେ ।
ବାନରଙ୍କୁ ଦେଖି ସୀତା ମନେ ମନେ ଭାଳି
ଅମଙ୍ଗଳ ଭାବନେ ବାନ୍ଧିଲେ ଉତ୍କଣ୍ଠୀ । ୧୦ ।
ବାନରଙ୍କୁ ଖୁଣ୍ଟି ସୀତା ପଚାରିଲେ ତଳେ
ରାମଙ୍କ ବାରତା କହ ଶୁଣନ୍ତି ବୋଲିଲେ ।
ସୁଗ୍ରୀବର ଦୂତ ଏଥି ପଠାଇଲା ଉତ୍କଣ୍ଠୀ
ଯାଉଛି ରାବଣ ଲଙ୍କେ ଯେସନେ କହିଲି ।
ସାଗର ମଧ୍ୟରେ ଯାଇଁ ହୋଇଲେ ପ୍ରବେଶ
ନ ଦେଖିଲୁ ବନ ନୈଶ ନ ଦେଖିଲୁ ଦେଶ ।
ସୀତାଙ୍କୁ ବୋଲନ୍ତି ଅଦର ଶୁଣ ମୁଁ ବାଳି
ସାଗର ଜଳରେ ମୋତେ କଥ କୁ ପଠାଇ ।
ବାନରଙ୍କୁମାନେ ମୋର ଅଙ୍ଗକୁ ଖଣ୍ଡର
କି ବୁଦ୍ଧି ହୋଇବେ ଧର୍ମ ହୋଇବ ତୋହର । ୧୫ ।
ଡାଲ ଗାଛ ଧ୍ରୁଏକ ସେ ନ ଶୁଣଇ ହାଣ
ଲଙ୍କାର ସମ୍ମୁଖ ହୋଇ ରମନ ଢାଳୁଣ ।
ସୀତାଙ୍କୁ ଦେଖଣ ସେ ନନ୍ଦିଲୁ ସାଗର
ପ୍ରବେଶ ହୋଇଲୁ ଯାଇଁ ଲଙ୍କାଦ୍ୱାର ।
ଏଥିରେ ପ୍ରବେଶ ଯାଇଁ ହୋଇଲୁ ପ୍ରବେଶ
ପାଇଲଇଁ ଜାଣି ବୋଲି ହେଉଛି ହରଷ ।
ମନେ ବାଞ୍ଛଇ ସୀତା ରଖିବଇଁ ହାତେ
ସେଠାଇଁ ସ୍ଥାନେ ଦେଖୁଁ କନର ରମ୍ୟ ଜାଣେ ।
ମନେ ବାନ୍ଧିଲୁ ସେ ଅଶୋକ ମହାବନ
ସୀତାଙ୍କୁ ରଖିବାକୁ ଉଚିତ ସେ ସ୍ଥାନ । ୨୦ ।

ଦସ୍ୟୁ ସୀତାଙ୍କୁ ନେଲା ରାବଣ ରାକ୍ଷସ
ଅଶୋକ ବଗିଚେ ଯାଇଁ ହୋଇଲୁ ପ୍ରବେଶ ।
ବାଗଧ ପାହାଡ଼ ତଳେଁ ଅଛନ୍ତି ଗହଳ
ନାନା ପକ୍ଷିଗଣ ନାଦ କରନ୍ତି ଚଞ୍ଚଳ ।
ବନ ମଧ୍ୟସ୍ଥଳେ ସେ ଅଶୋକ ମୂଳରେ
ନାନାରତ୍ନ ଖଞ୍ଜିଛନ୍ତି ଭାଗିନ ବେଦୀରେ ।
ସେ ବେଦୀ ଉପରେ ନେଇ ସୀତାଙ୍କୁ ବସାଇ
ରାକ୍ଷସୀମାନଙ୍କୁ ବେଢ଼େ ଅଛିଲେ ଜଗାଇ ।
ବୋଇଲେ ସୀତାଙ୍କୁ ଜଗିଥାଅ ନିରନ୍ତରେ
ଅନ ଦୃଷ୍ଟି ସର୍ବସ୍ଥାନ ଢାଙ୍କିବା ଭୟରେ ।୨୫।
ଶତେକଇଣ ରାକ୍ଷସୀ ସେ ସୀତାଙ୍କୁ ଜଗାଇ
ଭୁବନକୁ ଅଇଲେ ସେ ଭୋଜନର ପାଇଁ ।
ଦିନରାତି ଶୋଏ ଜଳ ନ ଖାଇଲେ ମନ
ନିରନ୍ତରେ ସୀତାଙ୍କର କରୁଥାଇ ଧ୍ୟାନ ।
ପାପୀରେ ଜାଣିଲେ ଭଲ ସୀତାଙ୍କ ହରଣ
ହୋଇଲେ ହୋଇବ ଏବେ ରାବଣ ମରଣ ।
ସୀତାଙ୍କୁ ସେ ରଖିଲେ ଅଶୋକ ବଗିଚାରେ
ଆହାର ତ ନ କରିବେ ଦୁଃଖିତ ମନରେ ।
ସୀତାଙ୍କର ଶରୀର ହୋଇବ ଯେବେ ନାଶ
ନାଶ ତ ନ ଯିବ ତେବେ ରାବଣର ବଂଶ ।୨୬।
ଏତେ ବୋଲି ପୁରନ୍ଦର ମନ୍ଦ ହସି ଦେଇ
ସଙ୍ଗିରୁ ଉଚ୍ଛୁଳିଲା ଅମୃତ ନାମେ ଖୀର ।
ଖୀରଭାଜ ହସ୍ତେ ଧରି ଦେବ ଶଚୀପତି
ଗୁପତେ ଅଇଲେ ଯହିଁ ଜନକ ମହାସତୀ ।
ରାକ୍ଷସୀମାନଙ୍କୁ ନିଦ୍ରା ମୋହିତ କରାଇ
ସୀତାଙ୍କ ଆଗରେ ଯାଇଁ ପ୍ରବେଶ ସେ ହୋଇ ।

ସୀତାୟା ପାଖରେ ଛଦ୍ମ ହୋଇ ପୁରନ୍ଦର
ବୋଲନ୍ତି ସୀତାୟା ଶୁଣ ମୋହୋର ଉତ୍ତର ।
ମାୟାରେ ରାବଣ ସୀତା ଆଣିଲା ଯୋ ଲୋକେ
ରଖିଲା ଅଶୋକ ବନେ ପରମ ଗୁପତେ ।୩୫।
ଶୁଣିଲୁ ଲକ୍ଷଣ ତୋର ରାବଣ ସକାଶେ
ଏ ଯୋଗୁ ପ୍ରବେଶ ମୁଁ ହୋଇଲି ତୋର ପାଶେ ।
ଶୁଣ ଗୋ ସୀତାୟା ତୋତେ କହୁଛି ପ୍ରମାଣ
ଆସିଛି ପାୟସ ମୋତେ ଇନ୍ଦ୍ର ବୋଲି ଜାଣ ।
ଘୃତମଧୁହେବେ ଅନ୍ନ ନ ଖାଅ ଆହାର
ଦେବମନ୍ତେ ଖାଇବା ଯଥା ତୋହୋର ଶରୀର ।
ଏ କ୍ଷୀର ଆହାର କରି ଗୋ ଜନକେ ସୀତାୟା
କ୍ଷୁଧା ତୃଷା ନ ଲଭିବ ନ ଛୁଟିବ କାୟା ।
ଇନ୍ଦ୍ରର ବଚନ ଶୁଣି କହନ୍ତି ସୀତାୟା
ଯୋଗୁ ଇନ୍ଦ୍ର, ରାବଣ ଆସିଛି କରି ମାୟା ।୪୦।
ମନରେ ନ ଥିଲେ ମୋର ସ୍ୱାମୀ ରଘୁପତି
ଯନ୍ତ୍ରରୂପ ହୋଇ ତୁ ଯେ ପାଲୁ ଭୂମତି ।
ବାଣଧ.ମାନ୍ତ୍ରରେ କୁଷ୍ଟ ଆଣିଲୁ ତୁ ଧରି
କି ମାୟା ରୂପେଣ କରି ଆଣିଛୁ କ୍ଷୀର ।
ପୁରନ୍ଦର ବୋଇଲେ ତ୍ରିଦଶ ମାୟା ଧର
ନିଷ୍ଠୟ ତୁ ଜାଣ ମୁଁ ପ୍ରମାଣ ସୁରପତି ।
ରାମଚନ୍ଦ୍ର ଅଛନ୍ତି ସତ୍ୟରେ ନାରାୟଣ
ତାହାଙ୍କ ହସ୍ତରେ ନାଶଯିବ ଏ ରାବଣ ।
ଦେବତାଙ୍କୀ ଭୂମିରେ ଜାଇଛୁ ବାନ୍ଧୁ ଅଛି
ତୁ ଦେଖ ସତ୍ୟେ ଲକ୍ଷ୍ମୀ ଶ୍ୱେତପଦ୍ମବାସୀ ।୪୫।
କର ଗୋ ପାୟସ ଭୋଜ ଶୁଣ ଗୋ ସୀତାୟା
ନିଶ୍ଚୟ ମୁଁ ଦେବ ଇନ୍ଦ୍ର ନାହିଁ କିଛି ମାୟା ।

ସୀତାସ୍ୱା ବୋଲନ୍ତେ ଲକ୍ଷ୍ମେ ଯେବେଂ ପ୍ରବଳରେ
ଧର ଅନୁଗମ୍ଭୀ ମୋତେ ନିଜ ରୂପ ଧର ।
ସଖାର ବଚନେ ଇନ୍ଦ୍ର ନିଜ ରୂପ ହୋଇ
ମୁକୁଟ କୁଣ୍ଡଳ ସସ୍ତ୍ର ଲୋଚନ ଶୋଭିଲ ।
ପିଙ୍ଗଳା ନ ପଡ଼ଇ ଶୂନ୍ୟରେ ଉଭାହୋଇ
ସୀତା ପାଦ ଶ୍ରୀକାନ୍ତର ଅଗରେ ଯୋଗାଇ ।
ବୋଇଲେ ମୋ ଆଗଧର ଜାନକୀ ସୁନ୍ଦରୀ
ଆସିବେ ନ ଶ୍ରୀରାମ ନ ଧର ମନେ ଶଙ୍କା ।୬୦।
ଦେବଶକ୍ତ ସ୍ୱାମୀଙ୍କୁ ରକ୍ଷଣେ ନାଶକର
ସ୍ୱଗୋତ୍ର ସହିତେ ତାର ସର୍ବ ବଳ ମାନ ।
ଉଷାହିବେ ତୋତେ ମୋ ତପସ୍ୟେ ସୁଫଳାଶି
ମିଥ୍ୟା ଏ ମୁରୁଳି ଶୁଣ କଳକଣ୍ଠଲଣୀ ।
ଶୁଣି ସତେ ଧଲେ ଦେବୀ ଜନକ କୁମାରୀ
ବୋଇଲେ ମୁନିଙ୍କ ଏ ମାୟାବୀ ଦଣ୍ଡିରୀ ।
ସୁରପତି ବଚନ ମୁଁ ଲଙ୍ଘିବି କେମନେ
ଧଲେ ସୀତ ଦେଖନ ଯେ ଇନ୍ଦ୍ରର ବଚନେ ।
କ୍ଷୁଧା ତୃଷା ନିଷ୍କଳ୍ପ ନୋହିବ ମନ୍ଦ୍ରିକନ
ସ୍ୱାମୀଭକ୍ତ ତରଙ୍ଗ ସ୍ତବକ ସ୍ୱାମୀଜନ ।୬୧।
ସୀତା ପାନକଲେ ଯେ ଦେବ ସୁନ୍ଦରୀ
ଅନ୍ତର୍ଦ୍ଧାନ ହୋଇଗଲେ ଅମର ନଗର ।
ଅଶୋକ ତରୁମୂଳରେ ଏକାସନରେ
ରକ୍ଷମାନ ପଡିଅଛି ତନ୍ଦ୍ରା ବସନରେ ।
କ୍ଷଣେ କ୍ଷଣେ ଚେତନ୍ତି ସେ କ୍ଷଣେ ହୋନ୍ତି ମୂର୍ଚ୍ଛି
ଶ୍ରୀରାମ ନାମକୁ ନେଇ ସୁମରନ୍ତି ଝୁରି ।
ବୋଇଲନ୍ତି ଇନ୍ଦ୍ରଙ୍କ ସାଙ୍ଗ ହୋଇଛି ବିଲକ୍ଷଣ
ପୂର୍ବର ପାତକ ଭାଙ୍ଗ ହେ ଦଇବ ଆନ ?

ଜନକସୁତାର ଯହିଁ ହୋଇଛି ମୁଁ ଜାତ
ଭୂମି ମୋର ଜନନୀ ଜନକ ମୋର ତାତ ।୨୦।
ଧନୁର୍ଦ୍ଧର ସୁନ୍ଦର ରାଜାର ଜ୍ୟେଷ୍ଠ ସୁତ
ସର୍ବଗୁଣେ ଗୁଣମଣି ରାମ ମୋର କାନ୍ତ ।
ଦଶରଥ ରାଜାର ଅଟଇ କୁଳବଧୂ
ମେଦିନୀ ମଣ୍ଡଳରେ ମହିମା ଯାର ସାଧୁ ।
ଭରତ ଲକ୍ଷ୍ମଣ ଶତ୍ରୁଘ୍ନ ଏ ଦେଅର
ସ୍ଥାନ ଅଟଇ ମୋର ଅଯୋଧ୍ୟା ନଗର ।
ଏତେକ ଛଡାଇଲା ସେ ଦାରୁଣ କର୍ମସ୍ତ୍ରୀ
ଅରଣ୍ୟେ ଭ୍ରମିଲୁ ରାମ ଲକ୍ଷ୍ମଣ ସୀତସ୍ତ୍ରୀ :
ତହିଁ ପୁଣି ଅନ୍ୟୋନ୍ୟେ କ ଥିଲା ମୋର ଧନ
ହୋଇଲି (ପାଇଲି) ରାମ ବିଚ୍ଛେଦ କର୍ମ ମୋର ହୀନ ।
ଯାହିଁ ଯେ ଅଯୋଧ୍ୟା ଯାହିଁ ସୁନ୍ଦର ନଗର
ଲଭିଲି ସମୁଦ୍ରପାରେ ଶ୍ରୀରାମ ସୁମର ।
ଏତେ କହି ବେନି କର ଲଲାଟେ ମାରିଲେ
ଅକୁଳେ ଭାଗ୍ନିକବେଦୀ ଉପରେ ଶୋଇଲେ ।
ଶୁଣି ଶୁଣି ଉଠନ୍ତି ଶ୍ରୁତନ୍ତି ପୁଣ ପୁଣି
ସୁବାହୁ ଦେବତାଧାରୀ ରାମ ଗୁଣ ଗୁଣି ।
ମହାବ୍ରତା ଜାଣାଇଁ ଦେଖିଲ ଘୋରବନ
ଶ୍ୟାମଳ ସୁନ୍ଦର ରାମ ଶାତନଲୋଚନ ।
ରଥ ରଥ ଲକ୍ଷ୍ମଣ ଶୁଣିଲା ଉଚେ ବାଣୀ
ଭଲ ମନ୍ଦ ବୁଝି ନ ଜାଣିଲି ସୀତାଜାଣୀ ।୨୦।
ଲକ୍ଷ୍ମଣଙ୍କୁ ଦେଖିଲି ମୁଁ ଭ୍ରମର ଚଞ୍ଚଳ
ଶାଲ୍ପ କହି ଯାଏ କହି ଦେଲା ବାପଦୃଶା ।
ଝୁଲି ସୁନ୍ଦରପୁଷ୍ପେ ଭଲ ମନ୍ଦ ଶୁଣି
ଯାଣ୍ଡବ୍ୟାପ ଅବିଶ୍ୟା କହିବା ରଘୁମଣି ।

ସରମା ନାମେ ରାକ୍ଷସୀ ଥିଲା ତହିଁ ବସି
ସୀତା ଦୁଃଖ ଶୁଣି ନାରୀ କହିଲା ଆଶ୍ୱାସି ।
ଶୁଣ ଗୋ ସୀତେ ସୁଖଦୁଃଖ ଦୁଇ ଭଗ୍ନ
ପ୍ରାଣୀଙ୍କ ସର୍ବଥା ଏହା କରୁଛି ବିଧାତା ।
ଆକାଶେ ଭ୍ରମନ୍ତି ଦେଖ ଚନ୍ଦ୍ର ସୂର୍ଯ୍ୟ ଦେବ
ତାହାଙ୍କୁ ଗ୍ରାସଇ ରାହୁ ସର୍ବକାଳ ଜାଣି ଏବ
କର୍ମଫଳେ ଇନ୍ଦ୍ରହିଁ ହୋଇଲେ ସହସ୍ରଯୋନି
ସୁତ ଦଣ୍ଡ ପାଇଲେ ବଶିଷ୍ଠ ମହାମୁନି ।
ରାମକୁ ଚିନ୍ତ ରାତ୍ରି ଦିବସ ଗୋ ସତି
ଧର୍ମେ ନାଶିବ ତୋହର ସକଳ ଦୁର୍ଗତି ।
ଯେଉଁ କର୍ମ କରୁଅଛି ଲଙ୍କାର ନୃପତି
ନିଶ୍ଚୟେ ହୋଇବ ତାର ଶୀଘ୍ରେ ଦୁର୍ଗତି ।
ଘୋର ତପ କରି ସେ ବ୍ରହ୍ମାଙ୍କୁ ତୋଷ କରି
ପାଇଲା ଅମର ବର ଜାଣିନ ନରସ୍ୱ ।
ନାରୀ ଯାର ମନ୍ଦୋଦରୀ ପରମ ସୁନ୍ଦରୀ
ସୁରେ ଦୈତ୍ୟଅଛନ୍ତି କିନ୍ନରୀ ଅପସରୀ । ୮୦ ।
ସୁତ ନାତି ଅଛନ୍ତି ଯେ ପତ୍ନୀବନ ଗୋଷ୍ଠୀ
ପାଇବାରେ ମୋକ୍ଷ ହୋଇଲା ବଂଶପାଣି ।
ଶ୍ରୀରାମ ଲକ୍ଷ୍ମଣଙ୍କୁ ସଙ୍ଗ ପାଇବୁ ତୁ ଭେଟ
ଅବଶ୍ୟ ନାଶିବେ ତୋର ଦୁଃଖର ସଙ୍କଟ
ସରମା ବଚନ ଶୁଣି ଜନକ-ଦୁଲଣୀ
ମୁଖେ ଜଳ ସିଞ୍ଚିଲେ ଯେସନେ ମୋହ ପ୍ରାଣୀ ।
ସୀତାଙ୍କୁ ବୋଇଲେ ଧନ୍ୟ ସରମା ତୋ ବାଣୀ
ଜଳିଲା ହୃଦେରେ ଜଳ ସିଞ୍ଚୁଅଛୁ ଆଣି ।
ତୋହର ବଚନ ମୋତେ ମଳୟ ପବନ
ଶୀତଳ ହୋଇଲା ଶୁଣି ମୋହର ଜୀବନ । ୮୧ ।

ଜନ୍ତେ ସ୍ୱଭା ଗୋବିନ୍ଦ ଶୁଣ ହେ ପ୍ରମାଣ
ପରମ ଲକ୍ଷ୍ମୀର ଭ୍ରି ହୋଇଲୁ ପରିହାସ ।

---

ଏଥିଅନନ୍ତରେ କଥା ଶୁଣ ଏକ ଚିତ୍ତେ
ପଶିଲୁ ଜନକପୁର ସ୍ୱୟମ୍ବରଧାମେ ।
ଯାର ନାମ ମାତ୍ରେ ପରମ ଋଷି ପାଇ
ଅନ୍ତକାଳେ ମାଗନ୍ତି ତାହାର ମୁଖ ଚୁହିଁ
କାହିଁ ରାମ ମହିମା ସେ ରାମ ବାଣେ ମଲୁ
କୁର୍ଦ୍ଦି ଦେହେ ଯାଇ ବେକ ଥାନରେ ବସିଲୁ ।
ପଶିଲ୍ଲ ଜନକପୁର କାଶି ରଘୁମଣି
ଧାଇଁ ମୁଖ ନିକଟେ ମିଳିଲେ ସେନ୍ଧୁଣି ।
ଦେଖିଲେ କାର୍ଯ୍ୟ ରହେ ହୋଇଛି ମଣ୍ଡିତ
ଭୋଗିଲେ ସୀତାର ଏବେ ଶାନ୍ତ ହୋଇ ଅଛି ।୫।
ବୋଇଲେ ଜନକପୁର ଲୁଟିଣ ଥିବ
ନ ପାଇଲି ବୋଲି ଦନ୍ତେ ଲୁଣ୍ଠିଣ ଥିବ ।
ଶୁଣି ବସୁଥିଲେ ଲୁଟିଲି କି ନମନ୍ତେ
